୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.25 Bhubaneswar Sunday March 2 2025 | ୨୭ତମ ବର୍ଷ ସଂଖ୍ୟା-୨୫ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

# କାହିଁକି ଜେଲେନସ୍କି ଉପରେ ବିଗିଡି ଗଲେ ଟ୍ରମ୍ପ ? ହସ ଖୁସିରେ ଆରମ୍ଭ, ଯୁକ୍ତିତର୍କରେ ଶେଷ



ଭୁବନେଶ୍ୱର, ୧ ।୩(ପି.ଏନ): ବିଶ୍ୱ ଇତିହାସରେ ପ୍ରଥମ। କ୍ୟାମେରା ସାମ୍ନାରେ କଥା କଟାକଟି ହେଲେ ଦୁଇ ଦେଶର ରାଷ୍ଟ୍ରପତି। ହସଖୁସିରେ ଆରମ୍ଭ ହୋଇଥିବା ଆଲୋଚନା ବିସ୍ଫୋରକ ରୂପ ନେଲା। ଶେଷରେ ନିମନ୍ତ୍ରିତ ରାଷ୍ଟ୍ରର ରାଷ୍ଟ୍ରପତି ଓ ତାଙ୍କ ଟିମକୁ ଆଲୋଚନା ସ୍ଥଳରୁ ଚାଲି ଯିବାକୁ କୁହାଗଲା। ଏପରି ଏକ ଘଟଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲଡମିର ଜେଲେନସ୍କିଙ୍କ ମଧ୍ୟରେ ଘଟିଛି। ଟ୍ରମ୍ପଙ୍କ ସହ ଆଲୋଚନା କରିବା ପାଇଁ ଜେଲେନସ୍କି ଶୁକ୍ରବାର ହ୍ୱାଇଟ ହାଉସକୁ ଆସିଥିଲେ। କିନ୍ତୁ ହସଖୁସିରେ ଆରମ୍ଭ ହୋଇଥିବା ଆଲୋଚନା ଶେଷରେ ଯୁକ୍ତିତର୍କରେ ଶେଷ ହୋଇଛି। ଜେଲେନସ୍କିଙ୍କୁ ଚମତ୍କାର ବ୍ୟକ୍ତି କହି କ୍ୟାମେରା ସାମ୍ନାରେ ଆଲୋଚନା କରିଥିବା ଟ୍ରମ୍ପ ତାଙ୍କୁ ଶେଷରେ ମନଇଚ୍ଛା ଗାଳି ଦେଇଛନ୍ତି। ଆମେରିକାର ରାଷ୍ଟ୍ରପତିଙ୍କୁ ସମ୍ମାନ ଦେବା ଜେଲେନସ୍କିଙ୍କୁ ଜଣା ନଥିବା ମଧ୍ୟ ଟ୍ରମ୍ପ କ୍ୟାମେରା ସାମ୍ନାରେ କହିଛନ୍ତି। ଆମେରିକାର ଉପ ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଆଲୋଚନା ବେଳେ ଉପସ୍ଥିତ ଥିଲେ। ସେ ବି ଜେଲେନସ୍କିଙ୍କ ଉପରେ ଅସନ୍ତୋଷ ଝାଡିବାକୁ ପଛାଇ ନାହାନ୍ତି।ଶୁକ୍ରବାର ଆମେରିକା-ୟୁକ୍ରେନ ମଧ୍ୟରେ ଆଲୋଚନା ବେଶ ସକାରାତ୍ମକ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା। ଗୋଟିଏ ସମୟରେ ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ 'ଜଣେ ଚମତ୍କାର ବ୍ୟକ୍ତି' ବୋଲି କହିଥିଲେ। ଟ୍ରମ୍ପ କହିଥିଲେ, "ମୁଁ ଭାବୁଛି ସେ ଜଣେ ମହାନ ବ୍ୟକ୍ତି।' ୪୦ ମିନିଟର ଆଲୋଚନାର ଶେଷ ଭାଗରେ ଦୁଇ ରାଷ୍ଟ୍ରପତିଙ୍କ ମଧ୍ୟରେ ଆରମ୍ଭ ହୋଇଥିବା କଥାବାର୍ତ୍ତା ନାଟକୀୟ ମୋଡ଼ ନେଇଥିଲା।ୟୁଖଝଧଧନ ଓ ରୁଷ ମଧ୍ୟରେ ଶାନ୍ତି କଥାବାର୍ତ୍ତାକୁ ଆଗକୁ ବଢ଼ାଇବା ପାଇଁ ହ୍ୱାଇଟ୍ ହାଉସର ଓଭାଲ୍ ଅଫିସରେ କୂଟନୀତିକ ସ୍ତରରେ ଉଦ୍ୟମ ହେଉଥିବା ପ୍ରଥମେ କୁହାଯାଉଥିଲା। କିନ୍ତୁ ଏହା ଗୋଟିଏ ଭୟଙ୍କର ଯୁକ୍ତିତର୍କର ସ୍ଥିତି ସୃଷ୍ଟି କରିଥିଲା। ଏଥିସହ ରୁଷ ସହ ଯୁଦ୍ଧ ବିରତି ପାଇଁ ଚାଲିଥିବା ଆଲୋଚନା ମଧ୍ୟ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

## ରସୁଲଗଡ଼ ହତ୍ୟାକାଣ୍ଡ: ଦୁଇମାସ ପରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ନାୟକ ଗିରଫ



ଭୁବନେଶ୍ୱର, ୧ ।୩(ପି.ଏନ):ରସୁଲଗଡ଼ ଓଭର ବ୍ରିଜରେ ଘଟିଥିବା ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ନାୟକଙ୍କୁ କମିଶନରେଟ୍ ପୋଲିସ (ସିପି) ଗିରଫ କରିଛି। ଜାନୁଆରୀ ୮ ତାରିଖରେ ଭୋର ଭୋରରୁ ସହଦେବ ନାୟକଙ୍କୁ ହତ୍ୟା କରାଯାଇଥିଲା।କଟକ ଜିଲ୍ଲାର କାନପୁର ଥାନା ସୀମା ଅନ୍ତର୍ଗତ ଚମ୍ପେଶ୍ୱର ଅଞ୍ଚଳରୁ ପୋଲିସ ସୁଶାନ୍ତ ନାୟକଙ୍କୁ ଗିରଫ କରିଛି। ରିପୋର୍ଟ ଅନୁଯାୟୀ, ସେ ତାଙ୍କ ବାଇକ୍ ଛାଡି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଶନିବାର ସୁଶାନ୍ତ ନାୟକଙ୍କୁ ଗିରଫ କରିବା ପରେ, ପୋଲିସ ଏହି ହତ୍ୟାକାଣ୍ଡରେ ପ୍ରାୟ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।ଫେବୃଆରୀ ୧୬ ତାରିଖରେ ମଞ୍ଚ ?ଶ୍ୱର ପୋଲିସ ସହଦେବଙ୍କ ମୃତ୍ୟୁର ଷଡ଼ଯନ୍ତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରମା ନାୟକ ନାମକ ଜଣେ ମହିଳାଙ୍କୁ ଗିରଫ କରିଥିଲା। ସେ ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିଥିବା ଅଭିଯୋଗ ହୋଇଛି। ଡ୍ରଗ୍ସ ଚାଲାଣ ମାମଲାରେ ସହଦେବଙ୍କୁ ହତ୍ୟା କରିବା ପାଇଁ ଯୋଜନା ବହୁ ଦିନ ଧରି ଯୋଜନା କରାଯାଉଥିଲା। ମଙ୍ଗଳବାର ରାତିରେ ଡୁମୁଡୁମାରେ ହତ୍ୟା ଯୋଜନା କରାଯାଇଥିଲା। ସମସ୍ତ ଅଭିଯୁକ୍ତ ସୁଶାନ୍ତ ନାୟକଙ୍କ ଘରେ ଏକାଠି ହୋଇଥିଲେ। ଆହୁରି ପଢନ୍ତୁ ସୂଚନା ଅନୁଯାୟୀ, ସହଦେବ ନାୟକ ତାଙ୍କ ଝିଅକୁ ସ୍କୁଲରେ ଛାଡି ଫେରୁଥିବା ସମୟରେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ କାଟି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ, ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ତିନି ଅଭିଯୁକ୍ତ ହେଉଛନ୍ତି ଲିପିକା ନାୟକ, ଲକ୍ଷ୍ମୀଧର ନାୟକ ଏବଂ ରକି ନାୟକ।ରସୁଲଗଡ଼ ହତ୍ୟାକାଣ୍ଡର ଅପରାଧ ଦୃଶ୍ୟ ପୁନରାବୃତ୍ତି ଜାନୁଆରୀ ୯ ତାରିଖରେ ଓଡ଼ିଶାର ଭୁବନେଶ୍ୱରର ଲିଙ୍ଗିପୁର ନିକଟ ଦୟା ନଦୀରେ କରାଯାଇଥିଲା। ଅଭିଯୁକ୍ତମାନେ ଦୟା ନଦୀର ପାଣିରେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ।

## ରାତି ଅଧରେ ଯୁବକଙ୍କ ଉପରକୁ ଏସିଡ୍ ମାଡ଼ କରି ଫେରାର ହୋଇଗଲେ ଦୁର୍ବୃତ୍ତ

ଭଦ୍ରକ, ୧ ।୩(ପି.ଏନ): ପୂର୍ବରୁ ଏସିଡ୍ ମାଡ଼ ଘଟଣା ଆପଣମାନେ ଅନେକ ଶୁଣିଥିବେ। ବିଶେଷ କରି ବିଫଳ ପ୍ରେମ ବା ଏକତରଫା ପ୍ରେମ ପାଇଁ ଯୁବତୀଙ୍କ ଉପରେ ଏସିଡ୍ ମାଡ଼ ହୋଇଥିବା ଘଟଣା ଆପଣମାନେ ଜାଣିଥିବେ। ହେଲେ ଏବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏବେ ଜଣେ ଯୁବକଙ୍କ ଉପରକୁ ଏସିଡ୍ ମାଡ଼ ହୋଇଛି। ହଁ ଏବେ ଏସିଡ୍ ଆଟାକରେ ଯୁବକଙ୍କ ମୁହଁ ଓ ଶରୀରର କିଛି ଅଂଶ ପୋଡି ଯାଇଛି। ସେ ଏବେ ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ତେବେ ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ନାୟକାଣୀଡିହି ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗାଁରେ।ପୀଡିତ ଯୁବକ ଜଣକ ହେଉଛନ୍ତି ଜଣେ ବ୍ୟବସାୟୀ। ତାଙ୍କର ଟେଣ୍ଟ ହାଉସ୍ ଅଛି। ପୂର୍ବରୁ ମଧ୍ୟ ତାଙ୍କ ଟେଣ୍ଟକୁ କେହି ଦୁର୍ବୃତ୍ତ ପୋଡି ଦେଇଥିବା ପରିବାର ଅଭିଯୋଗ କରିଛନ୍ତି। ଆଉ ଏବେ ଜୀବନରୁ ମାରିଦେବାକୁ ତାଙ୍କ ଉପରେ ଏସିଡ୍ ମାଡ କରାଯାଇଛି ବୋଲି ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି।ତେବେ ଘଟଣା ହେଉଛି ଗତକାଲି ରାତିରେ ଟେଣ୍ଟ ମାଲିକ ଜଗବନ୍ଧୁ ନିଜ କାମ ସାରି ରାତିରେ ଘରକୁ ଫେରିଥିଲେ। ଆଉ ଖିଆପିଆ ସାରି ଘରେ ଶୋଇଥିଲେ। ହେଲେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଆସି ଝରକା ବାଟେ ତାଙ୍କ ଉପରକୁ ଏସିଡ୍ ଫୋପାଡି ଚାଲିଯାଇଥିଲା।ପରେ ଜଗବନ୍ଧୁ ଯନ୍ତ୍ରଣାରେ ପାଟି କରିବାରୁ ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରୁଛି।

## ଓଏଏସ୍ ସ୍ତରରେ ୨୨ ଅଧିକାରୀଙ୍କୁ ଅଦଳବଦଳ: ଜାଣନ୍ତୁ କାହାକୁ ମିଳିଲା କେଉଁ ଦାୟିତ୍ୱ

ଭୁବନେଶ୍ୱର, ୧ ।୩(ପି.ଏନ): ଓଏଏସ୍ ଅଧିକାରୀସ୍ତରରେ ବଡଧରଣର ଅଦଳବଦଳ ହୋଇଛି। ମୋଟ୍ ୨୨ ଅଧିକାରୀଙ୍କୁ ବଦଳି କରିଛନ୍ତି ରାଜ୍ୟ ସରକାର। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି।ତାଙ୍କ ସ୍ଥାନରେ ରାଜ୍ୟ ନିର୍ବାଚନ ଆୟୋଗର ପୂର୍ବତନ ଯୁଗ୍ମ ସମ୍ପାଦକ ଶ୍ୱେତ କୁମାର ଦାସଙ୍କୁ ସିଡିଏ ସଚିବ ଭାବରେ ଅବସ୍ଥାପିତ କରାଯାଇଛି।ସେହିପରି ଓଏଏସ୍ ପ୍ରବୀର କୁମାର ନାୟକ ଗଜପତି ଏଡିଏମ୍ ଭାବେ ନିଯୁକ୍ତି ପାଇଛନ୍ତି। ରାଜସ୍ୱ ପରିଷଦର ଅତିରିକ୍ତ ସଚିବ ସରୋଜ କୁମାର ସାହୁଙ୍କୁ ଅତିରିକ୍ତ ଏସଆରସି ଭାବେ ଦାୟିତ୍ୱ ମିଳିଛି।ସୂଚାରୁ କୁମାର ବଳ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ , ବିଶ୍ୱରଞ୍ଜନ ନାୟକ ଝାରସୁଗୁଡା ଜିଲ୍ଲା ପରିଷଦ ସିଡିଓ-କମ୍-ଇଓ , ନିଲୁ ମହାପାତ୍ର ପୁରୀ ଏଡିଏମ୍ ଭାବେ ନିଯୁକ୍ତ ହୋଇଛନ୍ତି।

## ଆଧୁନିକ ଲାହୋରର ଜନକ ସାର୍ ଗଙ୍ଗା ରାମ, ପାକିସ୍ତାନରେ ଏବେ ଚାଲିଛି ହସ୍ପିଟାଲ



ଭୁବନେଶ୍ୱର, ୧ ।୩(ପି.ଏନ): ବିଭାଜନ ପରେ ଏମିତି କିଛି ହାତ ଗଣତି ବ୍ୟକ୍ତିତ୍ୱ ରହିଛନ୍ତି, ଯେଉଁମାନେ ନିଜର ଛାପ ସୀମାର ଦୁଇ ପାର୍ଶ୍ୱରେ ଛାଡିବାକୁ ସକ୍ଷମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ସାର ଗଙ୍ଗା ରାମ। ଜଣେ ସିଭିଲ ଇଞ୍ଜିନିୟର ଓ ବଦାନ୍ୟ ବ୍ୟକ୍ତି ଭାବେ ସେ ବେଶ ପରିଚିତ ଥିଲେ। ତାଙ୍କର ସ୍ମୃତି ଓ ଛାପ ପାକିସ୍ତାନର ଲାହୋର ଓ ଭାରତର ଦିଲ୍ଲୀରେ ଏବେ ବି ରହିଛି।ଦିଲ୍ଲୀରେ ଥିବା ପ୍ରସିଦ୍ଧ ସାର ଗଙ୍ଗା ରାମ ହସ୍ପିଟାଲ ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ସମାନ ଧରଣର ଆଉ ଗୋଟିଏ ହସ୍ପିଟାଲ ଲାହୋରରେ ବି ରହିଛି। ଲାହୋରରେ ଥିବା ଉକ୍ତ ହସ୍ପିଟାଲକୁ ୧୯୨୧ରେ ସାର ଗଙ୍ଗା ରାମ ନିର୍ମାଣ କରିଥିଲେ। ଏହାର ୩୦ ବର୍ଷ ପରେ ସାର ଗଙ୍ଗା ରାମଙ୍କ ସ୍ମୃତିରେ ଦିଲ୍ଲୀରେ ସମାନଧରଣର ହସ୍ପିଟାଲ ତିଆରି କରାଯାଇଥିଲା। ଏବେ ବି ଲାହୋରରେ ଥିବା ସାର ଗଙ୍ଗା ରାମ ହସ୍ପିଟାଲକୁ ଦୈନିକ ଶହଶହ ରୋଗୀ ଆସୁଛନ୍ତି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୧୯୪୭ ମସିହା ବିଭାଜନ ପରେ ପାକିସ୍ତାନରେ ଅନେକ ରାସ୍ତା, ପ୍ରତିଷ୍ଠାନ ଓ ଗୁରୁତ୍ୱପୂର୍ଣ୍ଣ ବିଲଡିଂର ନାଁ ବଦଳାଇ ଦିଆଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଓ ଦୁର୍ବୃତ୍ତଙ୍କ ଉପଦ୍ରବ ଯୋଗୁ ଅନେକ ପ୍ରତିଷ୍ଠାନ ଧ୍ୱଂସ ପାଇଯାଇଛି। କିନ୍ତୁ ହାର୍ଟ ଅଫ ଲାହୋରରେ ଏବେ ବି ସାର ଗଙ୍ଗା ରାମ ହସ୍ପିଟାଲ ଅକ୍ଷତ ଅବସ୍ଥାରେ ରହିଛି। କାରଣ ସାର ଗଙ୍ଗା ରାମ ହେଉଛନ୍ତି ଆଧୁନିକ ଲାହୋରର ଜନକ।

## ଆଜିଠୁ ହିତାଧିକାରୀଙ୍କ ପାଇଁ ଖୋଲିବ 'ରାସନ' ପୋର୍ଟାଲ, ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ବଡ ସୂଚନା



ଭୁବନେଶ୍ୱର, ୧ ।୩(ପି.ଏନ): ରାସନ କାର୍ଡରୁ ବାଦ ପଡିଥିବା ଆବେଦନକାରୀଙ୍କ ପାଇଁ ବଡ ସୁଯୋଗ। ଆଜିଠୁ ଖୋଲିବ 'ରାସନ' ପୋର୍ଟାଲ। ଏ ନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ତେବେ ଯେଉଁମାନେ ସାମିଲ ହୋଇନଥିଲେ ସେମାନେ ରାସନକାର୍ଡ ପାଇଁ ଆବେଦନ କରିପାରିବେ।କରାଯିବ ସର୍ଭେ ?: ଏପର୍ଯ୍ୟନ୍ତ ତାଲିକାରୁ ମୋଟ୍ ୪ ଲକ୍ଷ ମୃତ ବ୍ୟକ୍ତିଙ୍କ ନାଁ ରେ ଥିବା ରାସନ କାର୍ଡ କଟିଲାଣି। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଅତୀତର ତ୍ରୁଟିକୁ ସଂଶୋଧନ କରାଯିବ। ଏ ନେଇ ସଂପୂର୍ଣ୍ଣ ସର୍ଭେ କରାଯିବ। ଯାହା ଦ୍ୱାରା ଅଯୋଗ୍ୟ ପ୍ରବେଶଗୁଡିକୁ ଦୂର କରାଯାଇ ପାରିବ। ଏହି କାରଣ ପାଇଁ ରାସନ କାର୍ଡ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ।ଏହ ମାନଙ୍କର କଟିବ ରାସନ କାର୍ଡ: ଇ-କେୱାଇସି ଯାଞ୍ଚ ମାଧ୍ୟମରେ ତାଲିକାରୁ ମୋଟ ଚାରି ଲକ୍ଷ ବ୍ୟକ୍ତିଙ୍କୁ ବାଦ ଦିଆଯାଇଛି ବୋଲି ମନ୍ତ୍ରି କହିଛନ୍ତି।

## ଟ୍ରେନ୍ ଉପରେ ବିଦ୍ୟୁତ ଆଘାତରେ ନାବାଳକ ଗୁରୁତର, ୮୦% ଜଳିଗଲେ

ପାରାଦୀପ, ୧ ।୩(ପି.ଏନ): ପୁଣି ଏକ ଅଘଟଣ। ବାରମ୍ବାର ଟ୍ରେନରେ ଘଟୁଛି ଦୁର୍ଘଟଣା। ପୂର୍ବରୁ ଏମିତି ଘଟଣା ମଧ୍ୟ ସାମ୍ନାକୁ ଆସିଛି। କି ଟ୍ରେନ ଉପରେ ଚଢ଼ି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ଲୋକେ। ଠିକ୍ ସେହିପରି ଏବେ ଆଉ ଏକ ଘଟଣା ସାମ୍ନାକୁ ଆସିଛି।ଘଟଣା ଘଟିଛି ପାରାଦୀପ ଅଠରବାଙ୍କୀ ରେଲୱେ ଓଭର ବ୍ରିଜ ଉପରେ। ଜଣେ ନାବାଳକ ଟ୍ରେନ ଉପରେ ଜଳିଯାଇଛନ୍ତି। ସଙ୍ଗେ ସଙ୍ଗେ ପିଲାଟିକୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯେହେତୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପିଲାଟିର ପାଖାପାଖି ୮୦ ପ୍ରତିଶତ ଜଳିଯାଇଥିଲା।ତେଣୁ ପିଲାଟିକୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ ବାରମ୍ବାର ଏହିଭଳି ଅଘଟଣ ଘଟୁଥିଲେ ସୁଦ୍ଧା ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ହେଲେ ଏହି ନାବାଳକ ଜଣକ ଟ୍ରେନ ଉପରକୁ କିପରି ଆସିଲେ। ଏବଂ କାହିଁକି ଟ୍ରେନ ଉପରେ ଚଢ଼ିଥିଲେ। ତାହା ଏବେ ଯାଏଁ ଜଣା ପଡିନାହିଁ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପର୍ଯ୍ୟବେକ୍ଷକ' ୧ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ୧୫ ବର୍ଷ ପୁରୁଣା ଗାଡି ରଖିଛନ୍ତି କି ? ଏପ୍ରିଲ ୧ରୁ ତେଲ ପକାଇ ପାରିବେନି



ବାୟୁ ପ୍ରଦୂଷଣ ରୋକିବାକୁ ସରକାର ବଡ ନିଷ୍ପତ୍ତି। ଦିଲ୍ଲୀରେ ନୂଆ କରି କ୍ଷମତାକୁ ଆସିଥିବା ବିଜେପି ସରକାର ଗାଡି ଜନିତ ପ୍ରଦୂଷଣକୁ ରୋକିବାକୁ ନେଇଛି ବଡ ପଦକ୍ଷେପ। ଯଦି କାହା ପାଖରେ ୧୫ ବର୍ଷ ପୁରୁଣା ଗାଡି ରହିଛି, ତା'ହେଲେ ସେମାନଙ୍କୁ ମାର୍ଚ୍ଚ ୩୧ ପରେ ଆଉ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ମିଳିବନି ଅନୁମତି। ଏହାର ଅର୍ଥ ଏପ୍ରିଲ ୧ରୁ ପୁରୁଣା ଗାଡିରେ କେହି ବି ତେଲ ପକାଇ ପାରିବେ ନାହିଁ।ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ଆଜି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକ ପରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିର୍ସା କହିଛନ୍ତି, ଗାଡି ଜନିତ ପ୍ରଦୂଷଣ ହ୍ରାସ କରିବା ପାଇଁ ସରକାର କିଛି ପଦକ୍ଷେପ ନେବାକୁ ଯାଉଛନ୍ତି। ୧୫ ବର୍ଷ ପୁରୁଣା ଗାଡିଗୁଡିକୁ ଚିହ୍ନଟ କରିବା ପାଇଁ ପେଟ୍ରୋଲ ପମ୍ପରେ ବିଭିନ୍ନ ଯନ୍ତ୍ରାଂଶ ଲାଗିବ। ୧୫ ବର୍ଷରୁ ଅଧିକ ପୁରୁଣା ହୋଇଥିବା ଗାଡିଗୁଡିକୁ ତେଲ ମିଳିବ ନାହିଁ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ମଧ୍ୟ ଏ ବିଷୟରେ ଅବଗତ କରାଯିବ।

## ନାରୀଙ୍କ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ



ଭୁବନେଶ୍ୱର, ୧ ।୩(ପି.ଏନ): ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ବଢ଼ିଛି ନାରୀ ନିର୍ଯାତନା । ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଦାବିରେ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି କଂଗ୍ରେସ । ଗତ ୮ ମାସରେ ନାରୀ ନିର୍ଯାତନା ବୃଦ୍ଧି ପାଇଛି । ସ୍କୁଲ ହଷ୍ଟେଲରେ ନାବାଳିକା ଛାତ୍ରୀ ପ୍ରସବ କରିବା ଏହାର ପ୍ରମାଣ । ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛି କଂଗ୍ରେସ । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି । ଦଳ ଦାବି କରିଛି, ମହିଳାଙ୍କୁ ଯଦି ମୋହନ ସରକାର ସୁରକ୍ଷା ଦେଇ ପାରୁ ନାହାନ୍ତି, ତେବେ କ୍ଷମତାରେ ରହିବାର ଅଧିକାର ନାହିଁ, ତୁରନ୍ତ ଗାଦି ଛାଡ଼ନ୍ତୁ ।ମାଲକାନଗିରି ଚିତ୍ରକୋଣ୍ଡାରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ, ଯାଜପୁର ବରୀରେ ବି ଦଶମ ଛାତ୍ରୀ ପିଲା ଜନ୍ମ ଦେବା । ୮ ମାସରେ ୧୬ ଶହ ମହିଳା ବିରୋଧୀ ମାମଲା । ଦିନକୁ ୭ ଜଣ ମହିଳା ଅତ୍ୟାଚାର ଶିକାର । ରାଜ୍ୟରେ ଆଦିବାସୀ ଝିଅମାନେ ଅସୁରକ୍ଷିତ । ବିଜେପି ଶାସନକୁ ଆସିବା ପରେ ନାରୀ ନିର୍ଯାତନା ବୃଦ୍ଧି ପାଇଥିବା ଅଭିଯୋଗ କରି ରାଜଧାନୀର ରାଜରାସ୍ତାରେ ଗର୍ଜିଛି କଂଗ୍ରେସ । ମହିଳାଙ୍କୁ ସୁରକ୍ଷା ଦେଇପାରୁ ନଥିବା ବିଜେପି ସରକାର ଗାଦି ଛାଡ଼ ସ୍ଲୋଗାନ ଦେଇ ଶହ ଶହ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି । ଏହି ସମୟରେ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଜେପି ସରକାର ରାଜ୍ୟର ମହିଳାଙ୍କୁ ସୁରକ୍ଷା ଦେଇପାରି ନଥିବାରୁ କ୍ଷମତାରେ ରହିବାର ଅଧିକାର ସେମାନଙ୍କର ନାହିଁ ବୋଲି କହିଛନ୍ତି କଂଗ୍ରେସ ନେତ୍ରୀ ।ରାଜ୍ୟରେ ନାରୀ ନିର୍ଯାତନା ବଢି ବଢି ଚାଲିଥିବା ବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ହଷ୍ଟେଲରେ ରହୁଥିବା ଆଦିବାସୀ ଛାତ୍ରୀମାନେ ଅସୁରକ୍ଷିତ। ପିସିସି ସଭାପତି ଭକ୍ତ ଦାସ କ୍ଷୋଭର ସହିତ କହିଛନ୍ତି, ନାବାଳିକା ଛାତ୍ରୀମାନେ ଗର୍ଭବତୀ ହେବା ଘଟଣାରୁ ଜଣାପଡୁଛି ମହିଳାଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର କେତେ ଅଣ ସମ୍ବ ?ଦନଶୀଳ । ଏହା ବିରୋଧରେ ଆଗକୁ ଜୋରଦାର ଲଢେଇ କରିବ କଂଗ୍ରେସ । ମୁଖ୍ୟମନ୍ତ୍ରୀ ଯଦି ମହିଳାମାନଙ୍କୁ ସୁରକ୍ଷା ଦେଇ ନପାରିବେ, ଆଗକୁ ବାଟଘାଟରେ ଯୁବ ଓ ଛାତ୍ର କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବେ ବୋଲି ଚେତାବନୀ ଦିଆଯାଇଛି ।ଭକ୍ତ ଦାସ ପିସିସି ସଭାପତି ହେବା ପରେ ଜୋସରେ ଅଛନ୍ତି କଂଗ୍ରେସ କର୍ମୀ । ସଂଗଠିତ ହୋଇ ପୁଣି ଥରେ କ୍ଷମତା ହାସଲ ଲକ୍ଷ୍ୟରେ ଦଳ ରାଜଧାନୀରେ ଶକ୍ତି ପ୍ରଦର୍ଶନ କରିଛି ।

## ଫିକା ପଡ଼ିଲା ସୁଭଦ୍ରା ଶକ୍ତି ମେଳା, ଫେରିଗଲେ ଏସଏଚ୍‌ଜି ମହିଳା

ବଲାଙ୍ଗୀର, ୧ ।୩(ପି.ଏନ): ଗତକାଲି ବଲାଙ୍ଗୀରରେ ଆରମ୍ଭ ହୋଇଥିବା ସୁଭଦ୍ରା ଶକ୍ତି ମେଳା ପଡ଼ିଲା ଫିକା । ଆସିଲେନି ଏସଏଚ୍‌ଜି ମହିଳା । ଯିଏ ବି ଆସିଲେ, ଅବ୍ୟବସ୍ଥାକୁ ଦେଖି ସରକାରଙ୍କ ଉପରେ ବର୍ଷିବା ସହ ଫେରିଗଲେ ।ସୂଚନାଯୋଗ୍ୟ, ବଲାଙ୍ଗୀର କୋଶଳ କଳା ମଣ୍ଡପ ପଡିଆରେ ଗତକାଲି ସୁଭଦ୍ରା ଶକ୍ତି ମେଳାର ଆୟୋଜନ କରାଯାଇଛି । ପୂର୍ବର ବିଜେଡି ସରକାରଙ୍କ ସମୟରେ ଯେପରି ମିଶନଶକ୍ତି ମହିଳା ଓ ମହିଳା ଉଦ୍‌ଯୋଗୀ ଉତ୍ସାହିତ ହୋଇ ଭାଗ ନେଉଥିଲେ, ସରକାର ବଦଳିବା ପରେ ସେମିତି ଉତ୍ସାହ ଦେଖିବାକୁ ମିଳୁନାହିଁ । ଗତକାଲି ଏହାର ଉଦଘାଟନ ହୋଇଥିବା ବେଳେ ୧୫୦ଟି ଷ୍ଟଲ ନିର୍ମାଣ କରାଯାଇଥିଲା । କିନ୍ତୁ ଅଧିକାଂଶ ଷ୍ଟାଲ ଫାଙ୍କା ପଡ଼ି ଥିବା ଦେଖିବାକୁ ମିଳିଥିଲା । କାମ ଅଧା ସରିଥିବା ବେଳେ ତରବରିଆ ଭାବେ ମେଳା ଉଦଘାଟନ କରାଯାଇଛି । ଅନେକ ଅବ୍ୟବସ୍ଥା ରହିଥିବାରୁ ବାହାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅସନ୍ତୋଷ ପ୍ରକାଶ କରି ଫେରି ଯାଇଛନ୍ତି ଓସେହିପରି ସୁଭଦ୍ରା କାର୍ଯ୍ୟକ୍ରମ ମଧ୍ୟ ଫିକା ପଡିଥିଲା ଓ ମନ୍ତ୍ରୀ, ସାଂସଦ ଓ ବିଧାୟକ ଅତିଥି ଭାବରେ ଯୋଗ ଦେବାର ଥିଲେ ବି କେହି ଆସି ନଥିଲେ । ଶେଷରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ଏହାକୁ ଉଦଘାଟନ କରିଥିଲେ ଓ ଉଦଘାଟନୀ ଉତ୍ସବରେ ହାତଗଣତି କିଛି ମହିଳା ଯୋଗ ଦେଇଥିଲେ । ବହୁ ଚୌକି ଖାଲି ପଡିଥିବା ଦେଖାବାକୁ ମିଳିଥିଲା । ଏହାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ କରିଥିଲେ।






# କୁକୁରଙ୍କ ସହ ଶୋଇଥାନ୍ତି ମହିଳାମାନେ, କାରଣ ଜାଣିଲେ ଉଡିଯିବ ହୋସ୍



ଆଜିକାଲିର ମହିଳାମାନେ ଆଉ ପୁରୁଷଙ୍କ ପାଖରେ ଶୋଇବାକୁ ପସନ୍ଦ କରୁନାହାନ୍ତି। ପୁରୁଷଙ୍କୁ ଛାଡ଼ି କୁକୁରଙ୍କ ପାଖରେ ଶୋଇବାକୁ ପସନ୍ଦ କରୁଛନ୍ତି। ଏହି କଥା ଆମେ କହୁନୁ ନ୍ୟୁୟର୍କର ଏକ କଲେଜରେ ଗବେଷଣା କରିବା ପରେ ଏହା ଜଣାପଡ଼ିଛି କି ମହିଳାମାନେ ପୁରୁଷଙ୍କ ଅପେକ୍ଷା କୁକୁରଙ୍କ ପାଖରେ ଶୋଇବାକୁ ପସନ୍ଦ କରୁଛନ୍ତି। ତାହା ପୁଣି ବହୁତ ଭଲ ନିଦରେ ଏମାନେ ଶୋଇଥାନ୍ତି। ଗବେଷକମାନେ ଆମେରିକାର ୯୬୨ଜଣ ମହିଳାଙ୍କୁ ନେଇ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ଏହି ଖୁଲାସା ହୋଇଛି କି ମହିଳାମାନେ ନିଜ ପାର୍ଟନରଙ୍କ ଅପେକ୍ଷା କୁକୁରଙ୍କ ସହ ଭଲ ନିଦରେ ଶୋଇଥାନ୍ତି। କୈନିସିଅସ୍ କଲେଜ ଦ୍ୱାରା କରାଯାଇଥିବା ଏହି ଗବେଷଣାରେ ମହିଳାମାନଙ୍କୁ କିଛି ପ୍ରଶ୍ନ ସୂଚୀ ଦିଆଯାଇଥିଲା। ଯେଉଁଥିରେ ସେମାନଙ୍କୁ ପଚରାଯାଇଥିଲା କି, କୁକୁର ଓ ବିଲେଇ ସହିତ ଶୋଇବାର ଅନୁଭୂତି କେମିତି ପୁରୁଷଙ୍କ ପାଖରେ ଶୋଇବାର ଅନୁଭୂତି କେମିତି ବୋଲି ପଚରାଯାଇଥିଲା। ବିଲେଇ ଓ ପୁରୁଷଙ୍କ ଅପେକ୍ଷା କୁକୁରଙ୍କ ପାଖରେ ସେମାନଙ୍କୁ ଭଲ ନିଦ ହୋଇଥାଏ ବୋଲି ମହିଳାମାନେ ଉଲରରେ ଦେଇଛନ୍ତି। ଗବେଷକମାନେ ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି ଯେ, ସାଧାରଣତଃ କୁକୁରମାନେ ମାଲିକର ଦିନଚର୍ଯ୍ୟା ସମ୍ପର୍କରେ ଖୁବ୍ ଶୀଘ୍ର ବୁଝିପାରିଥାନ୍ତି। ଏହା ବ୍ୟତୀତ ଅନ୍ୟ ପଶୁ ଅପେକ୍ଷା କୁକୁରମାନେ ବିଶ୍ୱସନୀୟ ମଧ୍ୟ ହୋଇଥାନ୍ତି । ପ୍ରତିଟି ପରିସ୍ଥିତିରେ କୁକୁରମାନେ ସତର୍କ ରହିଥିବାବେଳେ ମାଲିକଙ୍କୁ ମଧ୍ୟ ପୂର୍ବରୁ ସତର୍କ କରାଇଦେଇଥାନ୍ତି। ତେଣୁ ମହିଳାମାନେ କୁକୁରଙ୍କ ସହ ଶୋଇବାକୁ ଅଧିକ ପସନ୍ଦ କରିଥାନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି।

# ରୋମାଂଟିକ୍ ଫଟୋ ସେୟାର କଲେ ମଲାଇକା-ଅର୍ଜୁନ



ଅଭିନେତା ଅର୍ଜୁନ କପୁର ଏବଂ ଅଭିନେତ୍ରୀ ମଲାଇକା ଆରୋରା ଦୁହେଁ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍। ତାଙ୍କ ଫ୍ୟାନ୍ସଙ୍କ ପାଇଁ ପରସ୍ପରର ଭିଡିଓ ଏବଂ ଫଟୋ ସେୟାର କରିଥାଆନ୍ତି। ବର୍ତମାନ ଏହି କପଲ ଛୁଟିରେ ଉପଭୋଗ କରୁଛନ୍ତି ଏବଂ ରୋମାଂଟିକ ଫଟୋ ସେୟାର କରୁଛନ୍ତି। ବର୍ତମାନ ମଲାଇକା ଆରୋରା ତାଙ୍କ ସୋସିଆଲ ମିଡିଆ ଆକାଉଂଟରୁ ଏକ ଫଟୋ ସେୟାର କରିଛନ୍ତି। ଯାହା ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହି ଫଟୋ ଉପରେ ପ୍ରଶଂସକମାନେ ତୀବ୍ର ପ୍ରତିକ୍ରିୟା କରୁଛନ୍ତି। ମଲାଇକା ଶନିବାର ନିଜ ଇନଷ୍ଟାଗ୍ରାମ ଆକାଉଂଟରୁ ଏକ ଫଟୋ ସେୟାର କରିଥିଲେ। ଏହି ଫଟୋରେ ଆପଣ ଦେଖିପାରିବେ ଯେ ମଲାଇକା ଏବଂ ତାଙ୍କ ପ୍ରେମିକା ଅର୍ଜୁନ ହାତରେ ଖରାର ଛାଇରେ ହୃଦୟ କରିଛନ୍ତି। ଫଟୋ ସହିତ କ୍ୟାପସନରେ ମଲାଇକା ଏକ ହାର୍ଟର ଇମୋଜି ଦେଇଛନ୍ତି। କପଲଙ୍କ ଏହି ରୋମାଂଟିକ୍ ଷ୍ଟାଇଲ୍ ଉପରେ ପ୍ରଶଂସକମାନେ କମେଂଟ ଦେବାରେ ଲାଗିଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ଅର୍ଜୁନ କପୁର ଏବଂ ମଲାଇକା ଆରୋରା ଚାରି ବର୍ଷରୁ ଅଧିକ ସମୟ ହେବ ପରସ୍ପରକୁ ଡେଟ କରୁଛନ୍ତି। ପ୍ରାୟତଃ ମଲାଇକା ଏବଂ ଅର୍ଜୁନଙ୍କ ବୟସରେ ୧୦ବର୍ଷର ପାର୍ଥକ୍ୟ ରହିଛି। ଦୁହେଁ ନିଜ ସମ୍ପର୍କ ପାଇଁ ଟ୍ରୋଲ ହୋଇଥାନ୍ତି।

# ଡିନର ଡେଟ୍‌ରେ ଗଲେ ତମନ୍ନା-ବିଜୟ

ବି ଟାଉନ୍‌ର ଜଣାଶୁଣା ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ଅଭିନେତା ବିଜୟ ବର୍ମା। ଦୁହିଁଙ୍କ ପ୍ରେମ ଧୀରେ ଧୀରେ ସାମ୍ନାକୁ ଆସୁଛି। ନୂଆ ବର୍ଷ ଅବସରରେ ଉଭୟଙ୍କ ଫଟୋ ଭାଇରାଲ ହୋଇଥିଲା। ଯେଉଁଠାରେ ସେମାନେ ଏକାଠି ପାର୍ଟି କରୁଥିବା ଦେଖିବାକୁ ମିଳିଥିଲା। ବର୍ତମାନ ତାଙ୍କ ରିଲେସନଶିପକୁ ନେଇ ଚର୍ଚ୍ଚା ଚାଲିଛି। ସେବେଠାରୁ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବାରେ ଲାଗିଛି। ବିଜୟ କିମ୍ବା ତମନ୍ନା ଏପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କ ଖବରକୁ ନିଶ୍ଚିତ କରିନାହାଁନ୍ତି, ହେଲେ ଉଭୟଙ୍କୁ ଅନେକ ଥର ଏକାଠି ଦେଖିବାକୁ ମିଳିଛି। ବର୍ତମାନ ଦୁହିଁଙ୍କର ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ଗତକାଲି ଅର୍ଥାତ୍ ମଙ୍ଗଳବାର ରାତିରେ ବିଜୟ ଏବଂ ତମନ୍ନା ଏକାଠି ଡିନର ଡେଟ୍‌ରେ ଦେଖିବାକୁ ମିଳିଥିଲା। ତମନ୍ନା ଏକ ଧଳା ଟପ୍ ପିନ୍ଧିଥିବା ବେଳେ ବିଜୟ ଏକ କାଜୁଆଲ୍ ଲୁକ୍‌ରେ ନଜର ଆସିଥିଲେ। ଏହି ସମୟରେ ସେମାନେ ପରସ୍ପରକୁ ଦେଖି ହସୁଥିବାର ମଧ୍ୟ ନଜର ଆସିଥିଲେ। ଏମାନଙ୍କୁ ଏକାଠି ଦେଖି ପୈପରାଜି ତାଙ୍କ ଉପରକୁ କ୍ୟାମେରା ଫୋକସ କରିଥିଲା। ଭିଡିଓରେ ଦେଖାଯାଇଛି ବିଜୟ କାରରେ ତମନ୍ନାଙ୍କୁ ପିକ କରୁଛନ୍ତି। ଏହି ଲଭ ବାର୍ଡଙ୍କୁ ଏକାଠି ଦେଖି ପ୍ରଶଂସକ ଖୁବ୍ ଖୁସି ହୋଇଯାଇଛନ୍ତି। ଉଭୟଙ୍କ ଫଟୋ ବର୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପ୍ରଶଂସକମାନେ କମେଂଟ କରି କହୁଛନ୍ତି କି ଆପଣ ପ୍ରେମକୁ ଲୁଚାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଏହା ଶେଷରେ ସାମ୍ନାକୁ ଆସିବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିଜୟ ଏବଂ ତମନ୍ନା ପ୍ରଥମେ ଲଷ୍ଟ ଷ୍ଟୋରୀ ୨ ର ସେଟରେ ସାକ୍ଷାତ ହୋଇଥିଲେ। ଉଭୟ ପରସ୍ପରର ନିକଟତର ହୋଇଥିଲେ। ଧିରେ ଧିରେ ଦୁହେଁ ଦୁହିଁଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲେ। ତେଣୁ କୁହାଯାଉଛି କି ବିଜୟ ଏବଂ ତମନ୍ନା ଖୁବ୍ ଶୀଘ୍ର ସେମାନଙ୍କର ସମ୍ପର୍କକୁ ନେଇ ଅଫିସିଆଲ୍ କରିପାରନ୍ତି।




# ପୁଣି ମୁସ୍କିଲରେ ଅଭିନେତ୍ରୀ ଅମିଷା ପଟେଲ



‘କହୋ ନା ପ୍ୟାର ହେ’ ଫେମ୍ ଅମିଷା ପଟେଲ ଦୀର୍ଘ ଦିନ ପରେ ଚଳିତ ବର୍ଷ ଫିଲ୍ମ ‘ଗଦର -୨’ରେ ନଜର ଆସିବେ। ହେଲେ ଫିଲ୍ମ ରିଲିଜ୍ ପୂର୍ବରୁ ଅମିଷା ପଟେଲ ବିବାଦ କାରଣରୁ ଚର୍ଚ୍ଚାରେ ରହିଛନ୍ତି। କେବେ ନିର୍ମାତାଙ୍କ ସହ ଠକେଇ ତ ଆଉ କେବେ ନିଜ ପିତାମାତାଙ୍କ ସହ ସମ୍ପତିକୁ ନେଇ ତାଙ୍କର ବିବାଦ ସାମନାକୁ ଆସିଛି। ଏହି ଥର କିନ୍ତୁ ଅମିଷାଙ୍କୁ ଇଣ୍ଡିଆନ ମୋସନ ପିକଚର୍ସ ଆସୋସିଏସନ ସମନ ପଠାଇଛି। ଓଗଚଚଇକୁ ଅମିଷା ପଟେଲଙ୍କ ନାଁରେ ଅଭିଯୋଗ ହୋଇଥିଲା। ତାଙ୍କ ଉପରେ ଅପରାଧିକ, ବିଶ୍ୱାସଘାତକତା ଓ ଠକେଇ ନେଇ ଅଭିଯୋଗ ଲାଗିଥିଲା। ନିର୍ମାତା ହରେଶ ପଟେଲ ଓଗଚଚଇକୁ ଏକ ଚିଠି ଲେଖି ଦାବି କରିଛି କି, ସେ ଅମିଷା ପଟେଲଙ୍କ ପ୍ରଡକ୍ସନ ହାଉସ୍ ଦେସି ମ୍ୟାଜିକ ଫିଲ୍ମକୁ ଲୋନ୍ ଦେଇଥିଲେ। ୨୦୧୭ ମସିହାରେ ସେ ୨.୫ ପ୍ରତିଶତର ସୁଧ ହାରରେ ୬୫ ଲକ୍ଷ ଟଙ୍କା ଦେଇଥିଲେ, କିନ୍ତୁ ଆଜିସୁଦ୍ଧା ତାଙ୍କୁ ପେମେଂଟ କରାଯାଇ ନାହିଁ। ଅମିଷା ପଟେଲଙ୍କ ପକ୍ଷରୁ ଗତ ୫ ବର୍ଷରେ ଅନେକ ଚେକ୍ ଦିଆ ଯାଇଛି, କିନ୍ତୁ ତାହା ବାଉନ୍ସ ହୋଇ ଯାଇଛି। ଇ ଟାଇମ୍ସର ରିପୋର୍ଟ ମୁତାବିକ, ଓଗଚଚଇର ସିନିୟର ଭାଇସ ପ୍ରେସିଡେଂଟ ଅଶୋକ ପଣ୍ଡିତ କହିଛନ୍ତି, ନିର୍ମାତାଙ୍କ ପକ୍ଷରୁ ଚେକ୍ ବାଉନ୍ସକୁ ନେଇ ଅଭିଯୋଗ ଦାଖଲ କରାଯାଇଛି। ଅଶୋକ ପଣ୍ଡିତ ଆହୁରି କହିଛନ୍ତି ଆମେ ଅମିଷା ପଟେଲଙ୍କୁ ପୂର୍ବରୁ ଚିଠି ପଠାଇ ଥିଲୁ, ଯେଉଁଥିରେ ସେ ଜଏଂଟ ଡିସପୁଟ୍ କମିଟି ସାମନାରେ ଉପସ୍ଥିତ ହେବାକୁ କୁହାଯାଇଥିଲା। ଏ ବିଷୟରେ ଅମିଷାଙ୍କ ସହ ସଂପର୍କ କରିବାକୁ ଚେଷ୍ଟା କରା ଯାଇଛି, କିନ୍ତୁ ତାଙ୍କ ତରଫରୁ କୌଣସି ଜବାବ ଆସିଲା ନାହିଁ।

# ୩୦ ବର୍ଷ ପରେ ଏହି ସବୁ ଜିନିଷରୁ ରୁହନ୍ତୁ ଦୂରେଇ



୩୦ ବର୍ଷ ବୟସ ପରେ, ଆପଣଙ୍କ ଶରୀର ପରିବର୍ତନ ହେବାକୁ ଲାଗେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣଙ୍କ ଶରୀରରେ ହଠାତ୍ କାମ ବନ୍ଦ କରି ଦେବ। ବାସ୍ତବରେ, ଏହି ବୟସରେ, ଆପଣ ସ୍ୱାସ୍ଥ୍ୟାବସ୍ଥା ଦୃଷ୍ଟିରୁ ଆପଣଙ୍କ ଖାଦ୍ୟରେ କେଉଁ ଜିନିଷ ଖାଉଛନ୍ତି ତାହା ଦେଖିବା ନିହାତି ଆବଶ୍ୟକ। ଶରୀର କେବଳ କ୍ୟାଲୋରୀ ଦ୍ୱାରା ପ୍ରଭାବିତ ହୁଏ ନାହିଁ ବରଂ ଚିନି, ଲୁଣ ଏବଂ ରାସାୟନିକ ପଦାର୍ଥ ଭଳି ଜିନିଷ ଦ୍ୱାରା ମଧ୍ୟ ପ୍ରଭାବିତ କରିଥାଏ। କିନ୍ତୁ ଏପରି ଅନେକ ଦୈନନ୍ଦିନ ଜିନିଷ ଅଛି, ଯାହାକୁ ଏଡାଇଲେ ଆପଣ ସୁସ୍ଥ ରହିପାରିବେ।

ଲୁଣ- ୩୦ ବର୍ଷ ପରେ, ଆପଣ ଅଧିକ ଲୁଣ ଖାଇବା ଉଚିତ୍ ନୁହେଁ। ଲୁଣର ଅତ୍ୟଧିକ ବ୍ୟବହାର ହେତୁ ଚର୍ମ ବାର୍ଦ୍ଧକ୍ୟ ଏବଂ ରକ୍ତଚାପ ସମସ୍ୟା ଆରମ୍ଭ ହୁଏ। ଏଥିରୁ ଦୂରେଇ ରହିବା ନିହାତି ଆବଶ୍ୟକ।ଚିନି- ତୁମେ ୩୦ ବର୍ଷରେ ପାଦ ଦେବା ମାତ୍ରେ ତୁମ ଖାଦ୍ୟରେ ଚିନି ବ୍ୟବହାରକୁ କମ୍ କରିବା ଉଚିତ୍। ବୟସ ବଢିବା ସହିତ ଜଣେ ବ୍ୟକ୍ତିର ନିଦ ମଧ୍ୟ କମିବା ଆରମ୍ଭ କରେ। ଏଭଳି ପରିସ୍ଥିତିରେ, ଏହି ବୟସରେ, ଲୋକମାନେ ଅଧିକ ପରିମାଣର ଚିନି ଖାଇଥାନ୍ତି ଯେଉଁଥିପାଇଁ ମେଦବହୁଳତା ବଢିବାରେ ଲାଗେ।କଫିନ୍- ବୟସ ବଢିବା ସହିତ ତୁମେ କଫିନ୍‌ଯୁକ୍ତ ପାନୀୟ ପିଇବା ବନ୍ଦ କରିବା ଉଚିତ୍। ଏହା ଆପଣଙ୍କ ତ୍ୱଚାକୁ କ୍ଷତି ପହଂଚାଇପାରେ। କଫିନଯୁକ୍ତ ପାନୀୟ ଆମ ଶୋଇବା ଗୁଣକୁ ନଷ୍ଟ କରିଦିଏ ଏବଂ ଏହି କାରଣରୁ, ଶୋଇବା ସମୟରେ କାର୍ଯ୍ୟ କରୁଥିବା କୋଷଗୁଡ଼ିକ ଚର୍ମରେ ହୋଇଥିବା କ୍ଷତି କରିପାରେ ନାହିଁ।ମଇଦା- ଚିନି, କାର୍ବସ୍ ଏବଂ ମଇଦାରେ ତିଆରି ଜିନିଷରେ ଅଧିକ ପରିମାଣରେ ଥାଏ। ଏହି ବୟସରେ, ହଜମ ଦୁର୍ବଳ ହେବାକୁ ଲାଗେ। ଯେଉଁଥିପାଇଁ ଆପଣ କୋଷ୍ଠକାଠିନ୍ୟ ସମସ୍ୟା ଆରମ୍ଭ ହୋଇଥାଏ। ସୂକ୍ଷ୍ମ ମଇଦାରେ ତିଆରି ଜିନିଷ ମଧ୍ୟ ଆପଣଙ୍କ ଅନ୍ତନଳୀ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୁଏ ।




# ହାତୀ ଆକ୍ରମଣରେ ପୁଅ ମୃତ, ମା ଗୁରୁତର ଆହତ



ଖୋର୍ଦ୍ଧା(ପି.ଏନ) : ପଞ୍ଚାୟତ ପଞ୍ଚାୟତ ସମିତି ଅଧିନସ୍ଥ ନନ୍ଦପୁର ଗ୍ରାମପଞ୍ଚାୟତ ର ମହତପଡ଼ା ଠାରେ ସୋମବାର ଭୋର ସମୟରେ ଶୌଚ ପାଇଁ ଦିବ୍ୟାଙ୍ଗ ପୁଅ କୁ ନେଇ ମା ବାରିପଟ କୁ ଯାଇଥିବା ସମୟରେ ହାତୀପଲ ଙ୍କ ଆକ୍ରମଣ ରେ ସତ୍ୟ ରଞ୍ଜନ ମାର୍ଥା (୧୭) ଏବଂ ତାଙ୍କ ମା ସୁଲୋଚନା ମାର୍ଥା ଗୁରୁତର ଭାବରେ ଆହତ ହୋଇଥିଲେ କ୍ଷ ଗ୍ରାମବାସୀ ମାନେ ଉଭୟ ଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ଡାକ୍ତର ଦିବ୍ୟାଙ୍ଗ ପୁଅକୁ ମୃତ ଘୋଷଣା କରିଥିଲେ ଏବଂ ମା ସୁଲୋଚନା ଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱର କୁ ସ୍ଥାନାନ୍ତର ନିମନ୍ତେ ପରାମର୍ଶ ଦେଇଥିଲେ କ୍ଷ ଖୋର୍ଦ୍ଧା ସଦର ଥାନା ପୁଲିସ ମୃତ ଦେହ ଟିକୁ ଜବତ କରି ଶବ ବ୍ୟବଛେଦ ନିମନ୍ତେ ପଠାଇଛି କ୍ଷ ଏସମ୍ପର୍କ ରେ ଖବର ପାଇ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟ କୃଷ୍ଣ ପଣ୍ଡା, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧକ୍ଷ ପ୍ରକାଶ କୁମାର ସାମନ୍ତରାୟ, ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ ଙ୍କ ସମେତ ଗ୍ରାମବାସୀ ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ପହଞ୍ଚିଥିଲେ । ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ପଣ୍ଡାଙ୍କ କହିବା ଅନୁଯାୟୀ, ଖୋର୍ଦ୍ଧା ବନାଞ୍ଚଳ ମଧ୍ୟରେ ୨୦ ଜଣିଆ ହାତୀପଲ ରହୁଛନ୍ତି କ୍ଷ ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ହାତୀପଲ ଗାଁ ମୁଁହା ହେଉଛନ୍ତି କ୍ଷ ସେଥିପାଇଁ ବନ ବିଭାଗ ର ଦୁଇଟି ଟିମ ହାତୀଙ୍କୁ ଜଗି ରହିଛନ୍ତି କ୍ଷ ହାତୀ ପଲ ର ଗତିବିଧି ଦେଖି ସ୍ଥାନୀୟ ଲୋକଙ୍କୁ ଆଗୁଆ ସୂଚନା ଦିଆଯାଉଛି କ୍ଷ ହାତୀ ଙ୍କ ଆକ୍ରମଣ ରୁ ମଣିଷ କୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ସବୁ ପ୍ରକାର ଚେଷ୍ଟା କରାଯାଉଥିବା ନେଇ ପ୍ରକାଶ କରିବା ସହିତ, ମୃତ ଓ ଆହତ ଙ୍କୁ ବନ ବିଭାଗ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବବୋଲି ସେ କହିଥିଲେ ।

## ସାମ୍ବାଦିକଙ୍କ ଶୋକାକୁଳ ପରିବାରକୁ ଭେଟିଲେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ

ଭୁବନ,(ପି.ଏନ) : ଭୁବନ ସାମ୍ବାଦିକ ସଂଘ ସଭାପତି ମଧୁପ ରଞ୍ଜନ ନନ୍ଦଙ୍କ ପିତା ମହେଶ୍ୱର ନନ୍ଦ (୮୧)ଙ୍କ ର ଗତ ଶନିବାର ରାତିରେ ମସ୍ତିକାଘାତରେ ପରଲୋକ ହୋଇଯାଇଛି । ଏ ସମ୍ପର୍କରେ ଖବର ପାଇ ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ସୋମବାର ସନ୍ଧ୍ୟାରେ ସାମ୍ବାଦିକ ଶ୍ରୀ ନନ୍ଦ ଙ୍କ ଓଡିଶ ଗୃହରେ ପହଂଚି ଶୋକାକୁଳ ପରିବାର ବର୍ଗ ଙ୍କୁ ସମବେଦନା ଜଣାଇଥିଲେ । ପୂର୍ବତନ ଅର୍ଥ ମନ୍ତ୍ରୀ ଡଃ. ଘଡ଼େଇ ଙ୍କ ସହ ସୁକିନ୍ଦା ଯୁବରାଜ କ୍ଷୀତୀଶ ଚନ୍ଦ୍ର ସିଂଦେଓ,ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲ୍ଲାପରିଷଦ ସଭ୍ୟ ଜେମା ଚାଖି, କାଳିଆପାଣି ସରପଂଚ ବିକାଶ ପାତ୍ର, ସମାଜସେବୀ ଆଶିଷ କୁମାର ଜେନା,ସୁକିନ୍ଦା ସରପଂଚ ସ୍ୱାଧୀନ ଦାସ, ବିମଳେନ୍ଦୁ ବେହୁରା,ବିଜେଡି ବ୍ଲକ ସଭାପତି ବିବେକାନନ୍ଦ ବୋଷ, ବଳରାମ ଦାସ ଓ ବହୁ କର୍ମକର୍ତା ଉପସ୍ଥିତ ରହିଥିଲେ ।

# ବାଲିଆ ଡିଗ୍ରୀ କଲେଜ କନ୍ଦଳ

## ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଧରିବାକୁ ପ୍ରତିଶୃତି ପରେ ଅନଶନ ପ୍ରତ୍ୟାହୃତ



ବରୀ (ପି.ଏନ) : ଦିନକୁ ଦିନ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର ବଦ୍‌ନାମର ପେଡି ଖୋଲିବାରେ ଲାଗିଛି । ଗତ କିଛି ଦିନ ଧରି ଜୈନେକା ଛାତ୍ରୀଙ୍କୁ ଅସାଦାଆଚରଣ ଅଭିଯୋଗ ପରେ ଅଭିଯୁକ୍ତ ଫେରାର ହେବା, ଘଟଣାକୁ ପ୍ରଘଟ ନକରିବା ପାଇଁ ଗଣମାଧମକୁ ମହାବିଦ୍ୟାଳୟର ଅଧକ୍ଷ କହୁଥିବା କଥା ଭାଇରାଲ ହେବା, ଘଟଣାରୁ ବର୍ତ୍ତିବା ପାଇଁ ଅଧକ୍ଷ ଲମ୍ବା ଛୁଟିରେ ଯିବା, ଅଭିଯୁକ୍ତଙ୍କ ସଂଖ୍ୟାରେ ଜଣଙ୍କ ପରେ ଜଣଙ୍କ ନାଁ ଯୋଡା ହେବା ଘଟଣା ଏବେ ଚର୍ଚ୍ଚା କେନ୍ଦ୍ରବିନ୍ଦୁ ହୋଇଛି । ଘଟଣା ଏପରି ହେଲା ଯେ ସମ୍ପୃକ୍ତା ଛାତ୍ରୀ, ତାଙ୍କୁ ସମର୍ଥନ ଜଣାଇ ଡିଗ୍ରୀ କଲେଜର କେତେକ ଛାତ୍ରଛାତ୍ରୀ ଅନଶନରେ ବସିବା, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଦାବିକୁ ଜୋରଦାର କରିଥିଲେ । ସ୍ଥିତି ଏମିତି ହୋଇଥିଲା ଯେ ପିଡ଼ିତା ନିଜେ ପେଟ୍ରୋଲ ସାହାଯ୍ୟରେ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରୁଥିବାବେଳେ ଘଟଣାସ୍ଥଳରେ ଉପସ୍ଥିତ ଥିବା ବରୀ ଥାନା ଅଧିକାରିଣୀ ଜ୍ୟୋର୍ତ୍ତିମୟୀ ସେଠୀ ତାଙ୍କୁ କୁଣ୍ଢାଇ ପକାଇବା ସହ ନ୍ୟାୟ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଓ ଶିକ୍ଷାନୁଷ୍ଠାନ ପ୍ରତି ନବାଗତ ଛାତ୍ରଛାତ୍ରୀଙ୍କ ମନରେ ଭୟ ସୃଷ୍ଟି ହେଉଥିବା ଜାଣି ବରୀ ବିଡ଼ିଓ ମହେଶ୍ୱର ସେଠୀ, ତହସିଲଦାର ମାନସ ରଂଜନ ସ୍ୱାଇଁ, ଡିଏସ୍ ?ପି ମମତା ବିଶ୍ୱାଳ, ଏସ୍ ?ଡିପିଓ କୈଳାସ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶିତିକାନ୍ତ କାନୁନ୍ ?ଗୋ, ବାଲିଆ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ପୀଡିତା, ଅଭିଭାବକ, ସହପାଠୀ, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଭାକର ଜେନା, ଅନ୍ୟାନ୍ୟ ଅଧାପକ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ । ପିଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏଥି ପାଇଁ ଯାହା ତଦନ୍ତ ପ୍ରକ୍ରିୟାରେ ଆସିବ ସେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯିବ ବୋଲି ଡିଏସ୍ ?ପି ଶ୍ରୀ କାନୁନ୍ ?ଗୋ କହିଥିଲେ ।

# ଜିଲ୍ଲା ପାରମ୍ପରିକ ଲୋକକଳା ସାଂସ୍କୃତିକ ସଙ୍ଘ ର ବାର୍ଷିକ ଅଧିବେଶନ



ଫିରିଙ୍ଗିଆ,(ପି.ଏନ) : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଜିଲ୍ଲା ପାରମ୍ପରିକ ଲୋକକଳା ସାଂସ୍କୃତିକ ସଙ୍ଘର ବାର୍ଷିକ ଅଧିବେସନ ଅନୁଷ୍ଠିତ ହୋଇଯାଇଛି ଓ ସଙ୍ଘ ର ସଭାପତି ତଥା ବରିଷ୍ଠ କଳାକାର ଅକ୍ଷୟ କୁମାର କର୍ଣ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ଫିରିଙ୍ଗିଆ ର ଅଧିଷ୍ଠାତ୍ରୀ ଦେବି ମା ପିତାବଲି ଙ୍କ ମୁଖ୍ୟ ପୂଜକ ସତ୍ୟନାରାୟଣ ଭୁକ୍ତା ଙ୍କ ସହ ଜିଲ୍ଲାର ଜଣାଶୁଣା ସମାଜ ସେବୀ ତଥା କଳା ସଂଗଠକ ଚନ୍ଦ୍ରମୋହନ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ ଓ ଅନ୍ୟମାନଙ୍କ ମାଧ୍ୟରେ ବ୍ଲକ କଳା ସଂସ୍କୃତି ସଙ୍ଘ ର ଉପସଭାପତି ଇନ୍ଦ୍ରଜିତ କହଁର, କୋଟଗଡ଼ ବ୍ଲକ ଉପସଭାପତି ରବୀନ୍ଦ୍ର କୁମାର ସାହୁ, ଅଂଚଳର ବିଶିଷ୍ଟ କଣ୍ଠ ଶିଳ୍ପୀ ସୁମିତ୍ରା ସାହୁ, ଉଦୟଗିରି ବ୍ଲକ ର ବରିଷ୍ଠ କଳାକାର ସୁରେଶ ଡିଗାଲ,ଲୋଇସିଂ ର ଜଣାଶୁଣା କଳା ସଂଗଠକ ପଞ୍ଚୁଦେବ ପ୍ରଧାନ, ଟିକାବାଲି ବ୍ଲକ ର ବରିଷ୍ଠ କଳାକାର ଦୁଃଶାସନ ପ୍ରଧାନ ଓ ରଙ୍ଗନାଥ ପ୍ରଧନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଓ ଏହି ବୈଠକ ରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଶତାଧିକ କଳାକାର ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ କୁ ନାଟ୍ୟ ନିର୍ଦ୍ଦେଶକ ତଥା ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ ଓ ଅନ୍ୟପଟେ ଏହି ବୈଠକ ରେ କଳାକାର ଭତ୍ତା, ଗ୍ରାମାଞ୍ଚଳ ସ୍ତରରୁ କଳାକାର ମାନଙ୍କୁ କିଭଳି ଭାବରେ ସଂଗଠିତ କରାଯାଇପାରିବ ଓ ସେମାନଙ୍କୁ କିଭଳି ଭାବରେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ମିଳିପାରିବ ସେନେଇ ଆଲୋଚନା ହେବା ସହ ଆଗାମୀ ବୈଠକ ବିଷୟରେ ଆଲୋଚନା ହୋଇଥିଲା ଓ କାର୍ଯ୍ୟକ୍ରମ ଅବସରରେ ସମସ୍ତ କଳାକାର ମାନଙ୍କୁ ନେଇ ଏକ ଅଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ପରେ ଫିରିଙ୍ଗିଆ ରେ କଳାକାର ମାନଙ୍କ ପାଇଁ ଏକ ବୈଠକ ଗୃହ ନିର୍ମାଣ ନିମନ୍ତେ ଜାଗା ଯୋଗାଇଦେବା ପାଇଁ ସ୍ଥାନୀୟ ତହସିଲଦାର ଅନାମିକା ପାଣ୍ଡେ ଙ୍କୁ ସଂଘ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲ ।

# ବିନା ସୂଚନା ଫଳକ, କୋଟିଏରୁ ଉର୍ଦ୍ଧ ଟଙ୍କାର ସ୍ୱାସ୍ଥ୍ୟକେନ୍ଦ୍ର ଘର



କଳିଙ୍ଗନଗର (ପି.ଏନ): ସରକାରୀ କାମ ଗୁଡିକୁ ଦାନଗଦି ବ୍ଲକରେ ଅଧିକାଂଶ ଠିକାଦାର ବିନା ସୂଚନା ଫଳକରେ ଓ ନିମ୍ନ ମାନର କରିବାର ଏବେ ବହୁତ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଦେଖିବାକୁ ମିଳୁଛି । ଏପରି ଏକ କାମ ଦାନଗଦି ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତର ବାରଖାଇ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହେଉଥିବା ଦେଖିବାକୁ ମିଳିଛି, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣଧୀନ ନୂଆ ସ୍ୱାସ୍ଥ୍ୟ କେନ୍ଦ୍ର କୋଠାଘର ରେ କିଛି ସୂଚନା ଫଳକ ଲଗାଯାଇନାହିଁ, ଫିଲିଙ୍ଗରେ ତଳେ ମାଟି ଦେଇ ଉପରେ ଅଳ୍ପ ବାଲି ଦେଇ ନିମ୍ନ ମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, ଏହି ବିଲଡିଙ୍ଗ କାମରେ ନିମ୍ନ ମାନର ସିମେଣ୍ଟ ଓ ଚିପ୍ସ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି ।ତେଣୁ ଏକ କୋଟିରୁ ଉର୍ଦ୍ଧ ଟଙ୍କା ର କାମ ହାତେଇ ଥିବା ଠିକାଦାର ପଲ୍ଲୀ ଅଞ୍ଚଳ ହୋଇଥିବାରୁ ମନମୁଖୀ କାମ କରୁଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି ।ସେହିପରି ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତରେ ନିର୍ମାଣ ଚାଲୁଥିବା ସମସ୍ତ ବିଦ୍ୟାଳୟ ଗୃହ କାମ ଗୁଡିକ ନିମ୍ନ ମାନର ହେଉଥିବା ବହୁତ ପଞ୍ଚାୟତରୁ ଅଭିଯୋଗ ହେଉଛି, ଯେପରିକି ଗତ କିଛି ମାସ ପୂର୍ବରୁ ନୟା ବଗପାଟିଆ ବିଦ୍ୟାଳୟରେ ୧୦ ଲକ୍ଷ ଟଙ୍କାର କାମ ନିମ୍ନ ମାନର ହୋଉଥିବା ଯୋଗୁଁ ଜଣେ ଛାତ୍ର ର ମୃତ୍ୟୁ ହୋଇଯାଇଛି ।ଦାନଗଦି ବ୍ଲକରେ ହେଉଥିବା କାମ ଗୁଡିକ ନିମ୍ନ ମାନର ହେଉଛି କାରଣ ପ୍ରଶାସନିକ ଅଫିସର ଓ ଠିକାଦାର ସିଂହ ଭାଗ ଟଙ୍କା ଖାଇ ନିମ୍ନ ମାନର କାମ କରୁଛନ୍ତି ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ନିୟମିତ ଆଲମଣ୍ଡ ସେବନର ୮ଟି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଉପକାରୀତା

## ବାର୍ଦ୍ଧକ୍ୟକୁ ରୋକିବାରେ ସହାୟକ ହୋଇଥାଏ ଆଲମଣ୍ଡ



ଭୁବନେଶ୍ୱର (ପି.ଏନ): ଆମ ଦୈନନ୍ଦିନ ଜୀବନରେ ଆଲମଣ୍ଡ ଅନ୍ତର୍ଭୁକ୍ତ କରିବାର ମହତ୍ୱ ଉପରେ ଆଲୋକପାତ କରିବା ପାଇଁ ପ୍ରତିବର୍ଷ ଜାନୁୟାରୀ ୨୩ରେ ଜାତୀୟ ଆଲମଣ୍ଡ ଦିବସ (ନ୍ୟାସନାଲ ଆଲମଣ୍ଡ ଡେ) ପାଳନ କରାଯାଇଥାଏ । ଏପରିକି ୨୦୦ରୁ ଅଧିକ ପ୍ରକାଶିତ ବୈଜ୍ଞାନିକ ଅଧ୍ୟୟନ ମଧ୍ୟ ଏହା ଉପରେ ସହମତ ହୋଇଛନ୍ତି । ଗବେଷଣାରୁ ଜଣାପଡ଼ିଛି ଯେ ପୋଷକ ତତ୍ୱରେ ଭରପୂର କାଲିଫର୍ଣ୍ଣିଆ ଆଲମଣ୍ଡ, ଅନେକଗୁଡ଼ିଏ ସ୍ୱାସ୍ଥ୍ୟ ଉପଯୋଗୀ ଲାଭ ପ୍ରଦାନ କରିବା ସହିତ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ହିତକର । ଏହି ଅବସରରେ ନୂଆଦିଲ୍ଲୀ ମ୍ୟାକ୍ସ ହେଲଥକେୟାର, ରିଜୋନାଲ ହେଡ-ଡାଏଟେଟିକ୍ସ ରିତିକା ସମାଦ୍ଦର ଆଲମଣ୍ଡକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବାର କିଛି କମ୍ ଜଣାଶୁଣା ସ୍ୱାସ୍ଥ୍ୟ ଉପକାରୀତା ସମ୍ପର୍କରେ ମତ ପ୍ରଦାନ କରିଛନ୍ତି । କାଲିଫର୍ଣ୍ଣିଆ ଆଲମଣ୍ଡରେ ୧୫ଟି ଅତ୍ୟାବଶ୍ୟକୀୟ ପୋଷକ ତତ୍ୱ ଯଥା ମ୍ୟାଗନେସିୟମ, ପ୍ରୋଟିନ, ରାଇବୋଫ୍ଲାବିନ, ହେଲଦି ଫ୍ୟାଟ, ଜିଙ୍କ, ଫାଇବର ଏବଂ ଆହୁରି ଅନେକ କିଛି ରହିଛି ଯାହାକି ସାମଗ୍ରିକ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୋଇଥାଏ । ଏପରିକି ଆଇସିଏମଆର-ଏନଆଇଏନ ଡାଏଟ୍ରି ନିର୍ଦ୍ଦେଶାବଳୀ ମୁତାବକ ଭାରତୀୟ ମାନଙ୍କୁ ଆଲମଣ୍ଡ ଗ୍ରହଣ ପାଇଁ ସୁପାରିଶ କରାଯାଇଛି । ଆଲମଣ୍ଡ ଭିଟାମିନ-ଇ (ଆଲଫା-ଟୋକୋଫେରାଲ)ର ଏକ ଉତ୍ତମ ଉତ୍ସ ଯାହାକି ଏକ ଶକ୍ତିଶାଳୀ ଆଂଟି ଅକ୍ସିଡାଂଟ ଭାବରେ ଜଣାଶୁଣା । ଏହା ବାର୍ଦ୍ଧକ୍ୟକୁ ରୋକିବାରେ ଏବଂ ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରିଥାଏ । କାଲିଫର୍ଣ୍ଣିଆ ଆଲମଣ୍ଡ ପ୍ରୋଟିନ ଏବଂ ପୋଷଣର ଉତ୍ସ ଅଟେ ଯାହାକି ମାଂସପେଶୀ ଗଠନ ବୃଦ୍ଧି ଏବଂ ଏହାର ପରିଚାଳନାରେ ସାହାଯ୍ୟ କରିଥାଏ । ଦୈନିକ ଏକ ମୁଠା ଆଲମଣ୍ଡ ଗ୍ରହଣ କରିବା ଦ୍ୱାରା ଏହା ରକ୍ତସର୍କରା, ନିମ୍ନ ଏଲଡ଼ିଏଲ କୋଲେଷ୍ଟରାଲ ତଥା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଆଲମଣ୍ଡରେ ଭରି ରହିଥିବା ଭିଟାମିନ ବି୨, ମ୍ୟାଗନେସିୟମ ତଥା ଫସଫରସ ଖାଦ୍ୟକୁ ଶକ୍ତିରେ ପରିଣତ କରିବାରେ ସାହାଯ୍ୟ କରିଥାନ୍ତି ଯାହା ଆପଣଙ୍କୁ ସକ୍ରିୟ ଏବଂ କାର୍ଯ୍ୟଦକ୍ଷ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆଲମଣ୍ଡର ସେବନ ଓଜନ ପରିଚାଳନାରେ ମଧ୍ୟ ସହାଯ୍ୟ କରିଥାଏ । ଶରୀରରେ ବୃଦ୍ଧି ପାଉଥିବା ପ୍ରଦାହକୁ ହ୍ରାସ କରିବା ସହିତ ହୃଦୟସ୍ୱାସ୍ଥ୍ୟ ଏବଂ କାର୍ଡ଼ିଓଭାସ୍କୁଲାର ଜନିତ ରୋଗର ବିପଦକୁ ଏହା ଅନେକ ମାତ୍ରାରେ ହ୍ରାସ କରିଥାଏ । ଆଲମଣ୍ଡ କାର୍ବୋହାଇଡ୍ରେଟ ଜନିତ ଗରିଷ୍ଠ ଖାଦ୍ୟରୁ ସୃଷ୍ଟ ରକ୍ତଶର୍କରା ଜନିତ ସ୍ଥିତିକୁ ହ୍ରାସ କରିବାରେ ସାହାଯ୍ୟ କରିବା ସହିତ ଫାଷ୍ଟିଙ୍ଗ ଇନସୁଲିନ ସ୍ତର ତଥା ମଧୁମେହକୁ ଅତି ସୁନ୍ଦର ଭାବରେ ପରିଚାଳନା କରିଥାଏ ।

# ସାମସଙ୍ଗ ଦ୍ୱାରା ଗାଲାକ୍ସି ଏସ୨୫ ଶୃଙ୍ଖଳର ଶୁଭାରମ୍ଭ, ଆପଣଙ୍କ ପ୍ରକୃତ ଏଆଇ ସହଯୋଗୀ



ଭୁବନେଶ୍ୱର(ପି.ଏନ) : ସାମସଙ୍ଗ ଆଜି ଏହାର ସଦ୍ୟତମ ଗାଲାକ୍ସି ଏସ୨୫ ଅଲଟ୍ରା, ଗାଲାକ୍ସି ଏସ୨୫+ ଏବଂ ଗାଲାକ୍ସି ଏସ୨୫ ସ୍ମାର୍ଟଫୋନ ଶୁଭାରମ୍ଭର ଘୋଷଣା କରିଛି । ଯାହାକି ପ୍ରକୃତ ଏଆଇ ସହଯୋଗୀ ଭାବରେ ସାମସଙ୍ଗର ସବୁଠାରୁ ଅଧିକ ପ୍ରାକୃତିକ ତଥା ଏପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ପ୍ରାସଙ୍ଗିକ ସଚେ୍ତକ ମୋବାଇଲ ଅଭିଜ୍ଞତା ସହିତ ଏକ ନୂତନ ମାନକ ସ୍ଥାପିତ କରିପାରିଛି । “ଏଥିରେ ଥିବା ମହାନତାର ନବୀକରଣ ଏହାର ବ୍ୟବହାରକାରୀମାନଙ୍କ ପ୍ରତିଫଳନ ଅଟେ, ଯାହାକି ଯେଉଁଥିପାଇଁ ଆମେ ଗାଲାକ୍ସି ଏଆଇକୁ ଏଥିରେ ସାମିଲ କରିଛୁ ଯାହା ସମସ୍ତଙ୍କୁ ସାହାଯ୍ୟ କରିପାରିବା ଭଳି ଏକ ଉପକରଣର ପ୍ରାକୃତିକତା ତଥା ତ୍ରୁଟିଶୂନ୍ୟତାକୁ ନେଇ ଏହାର ଗୋପନୀୟତା ସୁରକ୍ଷିତ ଅଟେ ଏଭଳି ବିଶ୍ୱାସ ସୃଷ୍ଟି କରିପାରିବ ଏଭଳି ମତବ୍ୟକ୍ତ କରିଛନ୍ତି, ଟି.ଏମ ରୋହ, ସଭାପତି ଏବଂ ସାମସଙ୍ଗ ମୁଖ୍ୟ ଇଲେକ୍‌ଟ୍ରୋନିକ୍ସ ମୋବାଇଲ ଏକ୍ସପେରିଏନ୍ସ ବିଜିନେସ । ଗାଲାକ୍ସି ଏସ୨୫ ଶୃଙ୍ଖଳ ଏଆଇ ସମନ୍ୱିତ ଓଏସର ଦ୍ୱାରକୁ ଉନ୍ମୁକ୍ତ କରିଛି, ଯାହାକି ଆମେ କିଭଳି ଭାବରେ ବୈଷୟିକତାକୁ ବ୍ୟବହାର କରିବା ଏବଂ ଆମେ କିଭଳି ଆମର ଜୀବନ ନିର୍ବାହ କରିବା ଏହାର ମୌଳିକତାରେ ପରିବର୍ତନ କରିପାରିଛି ।” ଗାଲାକ୍ସି ଏସ୨୫ ଶୃଙ୍ଖଳ ହେଉଛି ପ୍ରଥମ ସ୍ମାର୍ଟଫୋନ ଓ୍ୱାନ ୟୁଆଇ୭ ସହିତ ଆସିଛି, ଯାହା ସାମସଙ୍ଗ ଏଆଇର ପ୍ରଥମ ମଂଚ ଅଟେ ଯାହାକି ଅଧିକାଂଶ ଅନ୍ତର୍ନିହିତ ନିୟନ୍ତ୍ରଣ ଯୋଗାଇବା ନିମନ୍ତେ ପ୍ରସ୍ତୁତ, ତଥା ଏଆଇ ଚାଳିତ ବ୍ୟକ୍ତିଗତ ମୋବାଇଲ ଅଭିଜ୍ଞତାକୁ ସକ୍ଷମ କରିଥାଏ । ଏଆଇ ସହିତ ରହି ବିବିଧ ମୋଡ଼ାଲର କ୍ଷମତାକାରୀ ଗାଲାକ୍ସି ଏସ୨୫କୁ ସକ୍ଷମ କରିବା ସହିତ ପ୍ରାକୃତିକ ଅନୁଭବକାରୀ ପାରସ୍ପରିକ କ୍ରିୟା ପାଇଁ ପାଠ୍ୟ, ବକ୍ତବ୍ୟ, ପ୍ରତିଛବି ଏବଂ ଭିଡ଼ିଓ ଗୁଡ଼ିକୁ ବ୍ୟାଖ୍ୟା କରିଥାଏ । ପ୍ରତିଦିନର ପାରସ୍ପରିକ କ୍ରିୟାକୁ ସହଜ କରିବା ପାଇଁ ଗାଲାକ୍ସି ଏସ୨୫ ପ୍ରାକୃତିକ ଭାଷାର ବୁଝାମଣାର ସଫଳତାକୁ ପ୍ରତିନିଧିତ୍ୱ କରିଥାଏ । ଯୋଗାଯୋଗ, ଉତ୍ପାଦକ ଏବଂ ସୃଜନଶିଳତା ପାଇଁ ଗାଲାକ୍ସି ଏସ୨୫ ଶୃଙ୍ଖଳ ଗାଲାକ୍ସି ସମ୍ଭାରର ଲୋକପ୍ରିୟ ଯନ୍ତ୍ରାଂଶକୁ ପ୍ରଦାନ କରିଥାଏ, ଯେପରିକି ଗୁଗୁଲର ସର୍କଲ ଟୁ ସର୍ଚ୍ଚ, କଲର ପ୍ରତିଲିପି ବା ନକଲ, ଲିଖନି ସହାୟତା ତଥା ଅଙ୍କନ ସହାୟତା ଇତ୍ୟାଦି । ଗାଲାକ୍ସି ଏସ୨୫ ଶୃଙ୍ଖଳ ସହିତ, ଆପଣମାନେ ମଧ୍ୟ ପରବର୍ତି ପଦକ୍ଷେପ ନିମନ୍ତେ ପ୍ରସଙ୍ଗ-ସଚେ୍ତନ ପରାମର୍ଶ ସହିତ କାର୍ଯ୍ୟକ୍ଷମର ସନ୍ଧାନ କରିପାରିବେ । ଏଥିସହିତ ଗାଲାକ୍ସି ଏସ୨୫ ମଧ୍ୟ ତ୍ୱରିତ ଅନୁସରଣକାରୀ କାର୍ଯ୍ୟକ୍ଷମ ନିମନ୍ତେ ଆପ୍ସ ମଧ୍ୟରେ ଏହାକୁ ଅଦଳବଦଳ କରିବା ପାଇଁ ଘର୍ଷଣହୀନ କରିଥାଏ । ବ୍ୟକ୍ତିଗତ ଏଆଇ ବିଶେଷତ୍ୱ ଗୁଡ଼ିକ ନିମନ୍ତେ ଗାଲାକ୍ସି ଏସ୨୫ ଶୃଙ୍ଖଳ ବ୍ୟକ୍ତିଗତ ତଥ୍ୟ ଇଞ୍ଜିନ ସହିତ ଆସିଅଛି । କ୍ନକ୍ସ ଭଲ୍ଟ ଦ୍ୱାରା ଏହି ସମସ୍ତ ଏଆଇ ବ୍ୟକ୍ତିଗତ ତଥ୍ୟକୁ ଗୋପନ ତଥା ସୁରକ୍ଷିତ ରଖାଯାଇଥାଏ । ଏଥିସହିତ ସ୍ପଷ୍ଟ ଧମକପୂର୍ଣ୍ଣତା ନିମନ୍ତେ ଗାଲାକ୍ସି ଏସ୨୫ ଏକ ପୋଷ୍ଟ-କ୍ୱାନଟନ କ୍ରିପଟୋଗ୍ରାଫି ସୁରକ୍ଷାକାରୀ ବ୍ୟକ୍ତିଗତ ତଥ୍ୟର ଉପସ୍ଥାପନ କରିଅଛି । ଗାଲାକ୍ସି ଏସ୨୫ ସ୍ନାପଡ୍ରାଗନସ୍ପା୮ ଇଲାଟ ଫର ଗାଲାକ୍ସି ଦ୍ୱାରା ଶକ୍ତିଶାଳୀ, ଯାହାକି ସବୁଠାରୁ ଅଧିକ ପର୍ଯ୍ୟନ୍ତ ଆସିଥିବା ଶକ୍ତିଶାଳୀ ପ୍ରୋସେସର ଅଟେ । ଉଚ୍ଚ ରିଜୋଲୁସନ ସେନସର ଏବଂ ପ୍ରୋଭିଜୁଆଲ ଇଞ୍ଜିନ, ସହିତ ଗାଲାକ୍ସି ଏସ୨୫ ଶୃଙ୍ଖଳ ପ୍ରତ୍ୟେକ ସମ୍ଭାରରେ ଏକ ଅତ୍ୟାଧୁନିକ ଅଲଟ୍ରା ବିସ୍ତୃତକାରୀ ସଟ ପ୍ରଦାନ କରିଥାଏ, ଯାହା ମୋବାଇଲ ଫଟୋଗ୍ରାଫିର ଏକ ନୂତନ ମାନକକୁ ନିଶ୍ଚିତ କରିଥାଏ । ପୂର୍ବ ପ୍ରଚଳିତ ୧୨ଏମପି ତୁଳନାରେ ଏହା ଏକ ଅଧୁନତମ ୫୦ଏମପି ଅଲଟ୍ରାଓ୍ୱାଇଡ଼ କ୍ୟାମେରା ସେନସର ପ୍ରଦାନ କରିଥାଏ । ଗାଲକ୍ସି ଏସ୨୫ ଅଡ଼ିଓ ଅପସାରଣକାରୀ ପ୍ରଣାଳୀ ସହିତ ଆସିଅଛି ଯାହାକି ସ୍ପଷ୍ଟ ଅଦରକାରୀ ପାଟିତୁଣ୍ଡକୁ ଭିଡ଼ିଓଟିରୁ ଦୂରେଇ ରଖିଥାଏ । ଅଦ୍ୟାବଧି ଉପଲବ୍ଧ ସମସ୍ତ ସ୍ମାର୍ଟଫୋନ ମଧ୍ୟରେ ଗାଲାକ୍ସି ଏସ୨୫ ସବୁଠାରୁ ପତଳା, ହାଲୁକା ତଥା ସ୍ଥାୟୀ ଗାଲାକ୍ସି ଏସ ଶୃଙ୍ଖଳ ଅଟେ । ଏଥିରେ ରହିଛି ସ୍ଥାୟୀ ଟିଟାନିୟମ ତଥା ନୂତନ କର୍ଣ୍ଣିଙ୍ଗ ଗୋରିଲା ଆରମୋର୨ର ବିଶେଷତ୍ୱ । ସପ୍ତମ ପିଢ଼ୀ ଓଏସ ଅଧୁନତମ ତଥା ସାତବର୍ଷର ସୁରକ୍ଷା ଅଧୁନତମ ସହିତ ଏକାଠି ହୋଇ ଗାଲାକ୍ସି ଏସ୨୫ ଶୃଙ୍ଖଳ ଏହାର ଦୀର୍ଘ ଜୀବନକାଳ ମଧ୍ୟରେ ଏକ ନିର୍ଭରଯୋଗ୍ୟ ତଥା ଆଶାନୁରୂପ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିଥାଏ ।

## ଖୋର୍ଦ୍ଧା ସହରରେ ପାଚେରୀ ନିର୍ମାଣ

ଖୋର୍ଦ୍ଧା,(ପି,ଏନ): ପୁରୁଣା ବସଷ୍ଟାଣ୍ଡ ଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ମିଳିଥିବା ନୂତନ ରାସ୍ତା ଅନୁଦାନ କୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବାଟମାରଣା କରିବାର ପ୍ରୟାସ କରୁଛନ୍ତି କ୍ଷ ଏହି ରାସ୍ତା ପାଖକୁ ଲାଗିଥିବା ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ର ପ୍ରାଚେରୀ ର ଚଉଡା ୫୦ଫୁଟ୍ ଓ ଉଚ୍ଚତା ୭ଫୁଟ୍ ହୋଇଥିଲେ ମଧ୍ୟ ଏହି ପ୍ରାଚେରୀ ସମ୍ପୂର୍ଣ୍ଣ ଭାବେ ଭଲ ଅଛି । କେବଳ ପ୍ଲାଷ୍ଟର ହୋଇଗଲେ ଆହୁରି ମଜବୁତ୍ ହୋଇଯିବ, ମାତ୍ର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ର କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଏହା ପାଖକୁ ଲାଗି ନୂତନ ପ୍ରାଚେରୀ ନିର୍ମାଣ ନିମନ୍ତେ ଫାଉଣ୍ଡେସନ ଖୋଳିଛନ୍ତି ।

# ଭାରତରେ ଅଲ୍-ନ୍ୟୁ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର ର ଶୁଭାରମ୍ଭ



ଭୁବନେଶ୍ୱର,(ପି.ଏନ) : ନୂଆ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚରକୁ ଭାରତରେ ଲଂଚ୍ କରାଯାଇଛି । ଏହି ଆଡ୍‌ଭେଂଚର ମୋଟରସାଇକେଲ ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ ହେବ ଏବଂ ଏହାର ଡେଲିଭରି ଆସନ୍ତା ଏପ୍ରିଲ୍ ୨୦୨୫ ରୁ ଆରମ୍ଭ ହେବ । ବିକ୍ରମ ପାଓ୍ୱା, ପ୍ରେସିଡେଂଟ ଓ ସିଇଓ, ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆର କହିଛନ୍ତି,“ଅଲ୍-ନ୍ୟୁ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର ବୃହତ ଆଡ୍‌ଭେଂଚର ମୋଟରସାଇକେଲ ଦୁନିଆରେ ଏକ ନୂଆ ବେଂଚ୍‌ମାର୍କ ଅଟେ । ନୂଆ ଆଡ୍‌ଭେଂଚର ଜିଏସ, ସର୍ବବୃହତ ଟ୍ରାଭେଲ ଏଣ୍ଡୁରୋସ୍ ପୋର୍ଟଫୋଲିଓରେ ଅନତିକ୍ରମଣୀୟ ପାହାଣ ସଦୃଶ ଅଟେ । ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଫ୍ଲାଟ୍ ଟ୍ୱିନ ବକ୍ସର ଇଞ୍ଜିନ ସହ ବୃହତ ବିଏମଡବ୍ଲୁ ଜିଏସ ଆଡ୍‌ଭେଂଚର ଦୀର୍ଘ ଦୂରତାର ମୋଟରସାଇକେଲ ଯାତ୍ରାଗୁଡିକ ସହ ସମାର୍ଥକ ରହିଆସିଛି । ଏହା ଏକ ବିସ୍ତୃତ ରେଞ୍ଜର ଷ୍ଟାଣ୍ଡାର୍ଡ ଇକ୍ୱିପମେଂଟ ସହ ସୁସଜ୍ଜିତ ଅଟେ ଏବଂ ଏହା ଅଧିକ ଇଣ୍ଡିଭିଜୁଆଲାଇଜ୍‌ଡ ହୋଇଥିବା ବେଳେ ଏହା ଆପଣଙ୍କୁ ଏକ ସୀମାହୀନ ମୋଟରସାଇକେଲ ଅନୁଭୂତି ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି । ନୂଆ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର ନିଶ୍ଚିତ ଆଡ୍‌ଭେଂଚର ପାଇଁ ଏକ ଷ୍ଟେଟ୍‌ମେଂଟରେ ପରିଣତ ହୋଇଛି-ଏହା ପଥର ଭଳି ମଜବୁତ ଅଟେ ।” ନୂଆ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର୍‌ର ପ୍ରାରମ୍ଭିକ ଏକ୍ସଶୋରୁମ୍ ମୂଲ୍ୟ ଆରମ୍ଭ ହେଉଛି:ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର(ବେସ)- ମୂଲ୍ୟ ୨୨,୯୫,୦୦୦ । ଏହାବ୍ୟତୀତ ବ୍ୟକ୍ତିଗତକରଣ ପାଇଁ ୩ଟି ଅପ୍‌ସନ ଷ୍ଟାଇଲ - ଟ୍ରିପଲ ବ୍ଲାକ, ଷ୍ଟାଇଲ ଜିଏସ ଟ୍ରଫି ଓ ୭୧୯ କାରାକୋରମ ମଧ୍ୟ ଉପଲବ୍ଧ ରହିଛି । ଅଲ୍-ନ୍ୟୁ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର ଏକ ସମ୍ପୂର୍ଣ୍ଣ ନୂଆ ଡିଜାଇନ ସହିତ ଆସୁଛି ଯାହା ଏହାକୁ ନିଜର ସାଥୀ ମଡେଲ ଆର ୧୩୦୦ ଜିଏସ ଠାରୁ ଭିନ୍ନ କରୁଛି । ନୂଆ ଫ୍ଲାଏଲାଇନ ସହ ଏହାର ଡିଜାଇନ ଅନାବଶ୍ୟକୀୟ ଜଟିଳତା ନଆଣି, ବରଂ ଚତୁର ଭାବେ ମ୍ୟାଟେରିଆଲିଟି ଓ ଫଙ୍କ୍‌ଶନାଲିଟିକୁ ଏକତ୍ରିତ କରି ଆରମ୍ଭରୁ ହିଁ ଅତ୍ୟଧିକ ଦୃଢତା ଓ ବିବିଧତା ପ୍ରଦର୍ଶନ କରିବାର ବିଚାରଧାରାକୁ ଅନୁସରଣ କରୁଛି । ସେଂଟ୍ରାଲ ବଡିଓ୍ୱର୍କ ଏରିଆରେ ବାହ୍ୟ ସ୍କିନର ଏକ ପ୍ରମୁଖ ଉପାଦାନ ହେଉଛି ୩୦ ଲିଟର ଆଲୁମିନିୟମ ଫୁଏଲ ଟ୍ୟାଙ୍କ ଯାହାକୁ ବହୁମାତ୍ରାରେ ଅଣଆଚ୍ଛାଦିତ ରଖାଯାଇଛି । ଉଚ୍ଚମାନର ହାଇଲାଇଟଗୁଡିକରେ ରିସେସ୍‌ଡ ବିଏମଡବ୍ଲୁ ଏମ୍‌ବ୍ଲେମ ଓ ଉଭୟ ପାର୍ଶ୍ୱରେ ଏମ୍‌ବସ୍‌ଡ ଜିଏସ ଲେଟରିଂ ସାମିଲ ରହିଥିବା ବେଳେ ସିଟ ଏରିଆରେ ଦୁଇଟି ଦୃଶ୍ୟମାନ ଓ୍ୱେଲ୍ଡିଂ ସିମ୍ ଟେକ୍ନୋଲୋଜି ଓ ନିର୍ମାଣ ସଠିକତାକୁ ପ୍ରଦର୍ଶିତ କରୁଛି । ଟ୍ୟାଙ୍କର ବିଶୁଦ୍ଧ ପ୍ରଶସ୍ତତା ଆତ୍ମବିଶ୍ୱାସକୁ ପ୍ରେରିତ କରୁଛି ଏବଂ ପ୍ରଭାବୀ ଫ୍ରଂଟାଲ ଓ୍ୱେଦର ପ୍ରୋଟେକ୍ସନ ଦେଉଛି । ଫଙ୍କ୍‌ଶନାଲ, ନାରୋ ସାଇଡ ସର୍‌ଫେସ୍‌ଗୁଡିକ ଚାଳକଙ୍କ ସହ ଉପଯୁକ୍ତ ଭାବେ ଏକୀକୃତ ହେଉଛନ୍ତି ଏବଂ ଅଫ୍‌ରୋଡରେ ସର୍ବାଧିକ ସମ୍ଭବ ଏର୍ଗୋନୋମିକ ସ୍ଥିତି ପ୍ରଦାନ କରୁଛନ୍ତି । ଦୁଇଟି ବିଶାଳ ଟ୍ରାନ୍ସପରେଂଟ ଓ୍ୱାଇଣ୍ଡ ଡିଫ୍ଲେକ୍ଟର୍ସ (କକ୍‌ପିଟ ପ୍ୟାନେଲ) ସହିତ ମିଳିତ ଭାବେ ଏକ ବୃହତ ଆଡଜଷ୍ଟେବଲ୍ ଓ୍ୱାଇଣ୍ଡସିଲ୍ଡ ପ୍ରଭାବୀ ପବନ ଓ ପାଣିପାଗରୁ ସୁରକ୍ଷା ଦେଉଛି, ଯାହା ଲମ୍ବା ଯାତ୍ରାରେ ମଧ୍ୟ ଏକ ଶାନ୍ତ ଓ ଆରାମଦାୟକ ଚାଳନା ସୁନିଶ୍ଚିତ କରୁଛି । ଅପ୍ସନାଲ ଇଲେକ୍‌ଟ୍ରିକ ଓ୍ୱାଇଣ୍ଡସିଲ୍ଡ ଆଡ୍‌ଜଷ୍ଟମେଂଟ ଓ୍ୱାଇଣ୍ଡସିଲ୍ଡକୁ ହ୍ୟାଣ୍ଡେଲବାର୍‌ଗୁଡିକର ଆରାମରୁ ମିଲିମିଟର ସଠିକତା ସହ ଚାଳକଙ୍କ ବ୍ୟକ୍ତିଗତ ପସନ୍ଦ ସହ ଆଡଜଷ୍ଟ ହେବା ପାଇଁ ଅନୁମତି ଦେଉଛି । ଏକ୍ସଟେନ୍‌ଶନ ସହ ଷ୍ଟାଣ୍ଡାର୍ଡ ହ୍ୟାଣ୍ଡ ପ୍ରୋଟେକ୍ଟର ଓଇଂଟିଗ୍ରେଟେଡ ଟର୍ଣ୍ଣିଂ ଇଣ୍ଡିକେଟର ସର୍ବାଧିକ ସୁରକ୍ଷା ପ୍ରଦାନ କରୁଛି ।




**ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨**

# ଓଡ଼ିଆର ଅସ୍ମିତା -୧


ପଙ୍କଜ କୁମାର ପାଣିଗ୍ରାହୀ

ଅଳଙ୍କୃତ ଶବ୍ଦଗୁଚ୍ଛର ସମାହାର ମାଳିନୀ ଦ୍ୱାରା ପ୍ରସ୍ତୁତ ଏକ ଅନୁଚ୍ଛେଦକୁ କବିତା କୁହାଯାଇ ପାରିବ ନାହିଁ । ଇତିହାସର ଫର୍ଦ ଓଲଟାଇ ନିଜସ୍ୱ ଭାବୁକତାର ଅନୁଭୂତ ସଂଯୋଜିତ ଆଲେଖ୍ୟକୁ ପ୍ରବନ୍ଧ କୁହାଯାଇ ପାରିବ ନାହିଁ, ଯେତେବେଳ ପର୍ଯ୍ୟ' ତାହା କୌଣସି ସାମାଜିକ କାର୍ଯ୍ୟରେ ନୂତନତ୍ୱ ସୃଷ୍ଟି କରି ନାହିଁ । ସମୟର ଧାରାରେ କେତେକ ଶବ୍ଦକୁ ଯୋଡି ଲେଖା ଯାଉଥିବା ଆଜିର ମାଳ ମାଳ କବିତା, ପ୍ରବନ୍ଧ ଯେ ସମାଜରେ ନୂତନତ୍ୱ କିମ୍ବା ଜାଗୃକତା ସୃଷ୍ଟି କରିବା ତ ବହୁତ ଦୂର ବରଂ ସେଗୁଡିକ ବ୍ୟାପକ ଅଜ୍ଞାନତା ପରିବେଷଣ କରୁଥିବା ଜାଣିହେବ ସଠିକ ଅନୁଧ୍ୟାନ କଲେ । ଆଜି ସମୟରେ କବି, ଲେଖକଙ୍କ ସୀମା ନାହିଁ କି ଲେଖାର ଅ' ନାହିଁ ଯାହାର ମୂଲ୍ୟ ମଧ୍ୟ କିଛି ନାହିଁ । କେବଳ କେତେକ ଶବ୍ଦକୁ ଗୁନ୍ଥି ପ୍ରସ୍ତୁତ କରାଯାଇଥିବା ଅନୁଚ୍ଛେଦଟି ଜନାଦୃତ ହୋଇଥିବା ଆବଶ୍ୟକ ଯାହା କିଛି ଜ୍ଞାନ ମିଳୁ କି ନମିଳୁ ସମସ୍ତଙ୍କୁ ଅତ୍ୟ' ସରଳ ସହଜରେ ବୁଝା ପଡିଯାଉଥିବ । ଏହା ହେଉଛି ଆଜି ସମୟର ଭାବଧାରା । ତଥାପି ସେଗୁଡିକ ଆଦୃତ ହୋଇ ପାରୁଛି ପାଠକ, ସମ୍ପାଦକ ଓ ମୁଦ୍ରକଙ୍କ ପାଖରେ । ତାତ୍ୱିକ ଆଲେଖ୍ୟର ମୂଲ୍ୟ ରହୁ ନାହିଁ କ'ଣ ବରଂ ସେଗୁଡିକୁ ଏତେ ହତାଦର କରାଯାଉ ଅଛି ଯେ ଶୁଦ୍ଧି ଲେଖକଙ୍କ ମନୋବଳ ଦୁର୍ବଳ ହେବାକୁ ଲାଗିଛି ଦିନକୁ ଦିନ । ଗ୍ରାମ, ସହରର କବି, ଲେଖକଙ୍କ ଆସର, ସଭା କ୍ଷେତ୍ର ଠାରୁ ରାଜ୍ୟ ସାହିତ୍ୟ ଏକାଡେମୀ ଓ ଜାତୀୟ ସ୍ତର ପର୍ଯ୍ୟ' ପୁରସ୍କୃତ କରାଯାଉଥିବା କବି, ଲେଖକଙ୍କ ବିଷୟରେ ଜନସାଧାରଣ ଜାଣି ପାରୁନଥିଲେ ମଧ୍ୟ ସେହି ସମ୍ବନ୍ଧିତ ସମସ୍ତ ମଣିଷ ପ୍ରାୟତଃ ଜାର୍ଣି ତାହାର ଗୂଢ଼ ରହସ୍ୟ କ'ଣ ?! ଆଉ କହିବାକୁ ଗଲେ ପ୍ରାୟତଃ ସମସ୍ତ ପୁରସ୍କାର କେବଳ ସେମାନଙ୍କୁ ଦିଆଯାଇ ଥାଏ ଯେଉଁମାନେ ତାହା ପାଇବା ପାଇଁ ଅନେକ ସ ର୍ ପୁରଣ କରିଥା" ଉପୁରି ଏବଂ ଭିତିରି କରି । ପ୍ରକୃତ ସାଧକଙ୍କୁ ଅବା ସାମାଜିକ ସଚେତନତା ସୃଷ୍ଟିକାରି ଲେଖା ଓ ଲେଖକଙ୍କୁ ଆଜି ସମୟରେ ପୁରସ୍କାର ତ ବହୁତ ଦୂର କିଏ ପରିଚୟ ମଧ୍ୟ ଜାର୍ଣି ନାହିଁ ସେମାନଙ୍କର । ଅସ୍ମିତା ବୋଲି ଏକ ଶବ୍ଦକୁ ଭାଷା ଓ ଜାତି ସହିତ ଯୋଡ଼ିଦେଇ କହି ବୁଲୁଛ୍ନି ସମସ୍ତେ ଯେଉଁଥିରେ ବାସ୍ତବତା ବୋଲି କିଛି ନାହିଁ । କାହାକୁ କୁହାଯାଉ ଅଛି ଏବଂ ସେଗୁଡିକୁ କିଏ ଶୁଣୁଛି, ଗ୍ରହଣ କରୁଛି ଜାର୍ଣି କେବଳ ସେଇମାନେ ଯେଉଁମାନେ ତାହା କୁର୍ହି ।

ପ୍ରତ୍ୟେକ ବ୍ୟକ୍ତିବିଶେଷ କେବଳ ନିଜସ୍ୱ ସ୍ୱାର୍ଥକୁ ନଜରରେ ରଖି କରି ଚାଲିଥିବା ସମସ୍ତ କାର୍ଯ୍ୟରୁ ଆଜି ବାଦ୍ ପଡ଼ି ନାହିଁ ସାହିତ୍ୟ ଏବଂ ଦର୍ଶନ ମଧ୍ୟ । ଯିଏ ଯେମିତି ପାରିଲା କ'ଣ ଗୋଟେ କରି ସମାଜରେ ନିଜର ନାଁ' ଅର୍ଜିବା ପାଇଁ ରଖିଛ୍ନି ଉଦ୍ଦେଶ୍ୟ କେବଳ । ସେମାନଙ୍କ ଉଦ୍ଦେଶ୍ୟ ଯେ, ସାମୁହିକ କ୍ଷତି କରି ସମାଜକୁ ଏତେ ତଳକୁ ନେଇ ଗଲାଣି ସେ କଥା ଉପରେ ବିଚାର ନାହିଁ କାହାର, କାରଣ ସମସ୍ତେ ସେହି ଏକ ଦିଗଗାମୀ ! ଆଜିର ମଣିଷ ହୁଅଁୁ କିମ୍ବା ପୂର୍ବର, ସେ ସମସ୍ତେ ଆଜି ଏକ ଦିଗଗାମୀ ହେବାର କାରଣ ଅତ୍ୟ' ରହସ୍ୟ ପୂର୍ଣ୍ଣ । ସୂକ୍ଷ୍ମ ଅନୁଧ୍ୟାନ ପୂର୍ବକ ବିଚାର କରାଗଲେ ଜାଣିହେବ, ଯେ ସାଧାରଣ ମଣିଷଙ୍କ ଦୁର୍ବଳ ସ୍ମରଣିକା ଏବଂ ଅଲୌକିକତା ମନୋଭାବ କାରଣରୁ ମଣିଷ ଯେ କୌଣସି କଥା, ବିଷୟ ହେଉ କି ବସ୍ତୁକୁ ସହଜରେ ଭୁଲିଯାଇ ଉପସ୍ଥିତ ସମୟର ଧାରାରେ ପ୍ରବାହିତ ହୋଇଥା" । ମଣିଷର ଏହି ବିଚାର କାରଣରୁ ସମୟର ସୁଯୋଗ ନେଇ ଚତୁର ସେମାନଙ୍କୁ ପ୍ରତାରିତ କରି ରଖି ନିଜର ପତିଆରା ବିସ୍ତାର କରିବା ପାଇଁ ଉଦ୍ୟମ ଜାରି ରଖିଥା", ଯାହା ବ ର୍ମାନର ପରିବେଶ ପରିସ୍ଥିତି ଦେଖିବାକୁ ମିଳୁଛି ଆମ ସମାଜରେ । ପ୍ରାକ୍ ସମୟର ସମସ୍ତ ବିଷୟକୁ ଭୁଲି ଯାଇ ଉପସ୍ଥିତ ବିଷୟର ସଜ୍ଞାକୁ ନବୁଝି ନିର୍ଦ୍ୱନ୍ଦ ସମର୍ଥନ କାରଣରୁ ଆଜି ଆମ ସମାଜ ଅଧୋଗତି କ୍ଷେତ୍ରରେ ପ୍ରଧାବିତ ଯାହା ହୁଏତ ବୁଝିଛ୍ନି ହାତଗଣତି କେତେକ ଜ୍ଞାନୀ ଗୁଣି ମଣିଷ । ତା ଛଡା ସର୍ବସାଧାରଣ ଏହି ସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ।

ଉପସ୍ଥିତ ସମୟର ଧାରାରେ ଯେତେ ସବୁ ମିଥ୍ୟା କୁହେଳିକା ସୃଷ୍ଟି କରାଯାଉ ଅଛି ସେଗୁଡିକୁ ସାଧାରଣ ନିର୍ବୋଧ ଏକ ଅଲୌକିକ ରାଜ୍ୟର ଅକ୍ଷୟ ଗୁଣଧର୍ମୀ ପ୍ରବଚନ ଭଳି ଗ୍ରହଣ କରି ଚାଲିଛ୍ନି । ଏହି କ୍ରମରେ ଦେଖିବାକୁ ଗଲେ ହୁଏତ ପ୍ରତ୍ୟେକ ଦିନ ସହ ସହ କବିତା ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ଠାରୁ ଆରମ୍ଭ କରି ନାଟକ ଇତିହାସ ପର୍ଯ୍ୟ' ଯେତିକି ପୁସ୍ତକ ମୁଦ୍ରିତ ହୋଇ ବଜାରକୁ ଆସୁଛି ସେଗୁଡ଼ିକରେ କୌଣସି ଜ୍ଞାନ ବର୍ଦ୍ଧିଷ୍ଣୁ ବିଷୟ ତ ବହୁତ ଦୂର ବରଂ ତାହା ଜନମାନସକୁ ବିକ୍ଷିପ୍ତ କରି ଅଜ୍ଞାନ କରୁଥିବା ଏକ ସାଧାରଣ ବିଷୟ ନୁହେଁ ଯାହାର ସମୀକ୍ଷା କେଉଁଠି ହେଲେ ହେଉନାହିଁ । ବରଂ ବଡ଼ ସମାରୋହରେ ପୁସ୍ତକ ଉନ୍ମୋଚନ ଶିବିର ମ ସ୍ଥ ହେଉଛି ଯାହା ପାଇଁ ହଜାର ହଜାର କରତାଳି, ପୁଷ୍ପଗୁଚ୍ଛ ସହିତ ସମ୍ମାନର ଅସାର କହିଲେ ନସରେ ! (କ୍ରମଶଃ)

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦.*
*ଦୂରଭାଷ.: ୯୪୩୭୩୨୪୯୧୭.*

# ମିଳନର ପର୍ବ ଦୋଳ ଓ ହୋଲି


ଉମାଶଙ୍କର ପ୍ରସାଦ

ହିନ୍ଦୁ ସଂସ୍କୃତିରେ ଫାଲ୍‌ଗୁନ ମାସ ମଧୁମାସ ଭାବେ ପରିଚିତ । ଏହି ମାସରେ ଭାରତ ତଥା ଓଡିଶାର ବିଭିନ୍ନ କ୍ଷେତ୍ରରେ "ମିଳନର ପର୍ବ ଦୋଳ ଓ ହୋଲି"ପର୍ବ ମହାସମାରୋହରେ ପାଳନ କରାଯାଇଥାଏ । ଋତୁରାଜ ବସନ୍ତର ଆଗମନ, ଫାଲ୍ଗୁନ ପୂର୍ଣ୍ଣମୀ ଓ ମଦନ ମୋହନ ପୂଜାର୍ଚ୍ଚନା ଏକକାଳୀନ ହେଉଥିବାରୁ ଏହାକୁ 'ବସନ୍ତ ମହୋତ୍ସବ,ଫଲଗୁ ଉତ୍ସବ ଓ ମଦନ ମହୋତ୍ସବ ବୋଲି ସମସ୍ତେ କହିଥାନ୍ତି । ପୁରାଣ ଆଖ୍ୟାନ ଅନୁସାରେ "ଦୋଳେଚ ଦୋଳ ଗୋବିନ୍ଦ / ଚାପେଚ ମଧୁସୁଦନ—ରଥେ ତୁ ବାମନଂ ଦୃଷ୍ଟ୍ୱା , ପନର୍ଜନ୍ମ ନବିଦ୍ୟତେ" । ଅର୍ଥାତ ଦୋଳରେ ଗୋବିନ୍ଦ, ଚାପ ଖେଳ ସମୟରେ ମଧୁସୁଦନ ଓ ରଥରେ ବାମନରୂପି ଜଗନ୍ନାଥ ଙ୍କୁ ଦର୍ଶନ କଲେ ମଣିଷର ପୁନର୍ଜନ୍ମ ହୋଇନଥାଏ ବୋଲି ବିଶ୍ୱାସ । ମିଳନର ଏହି ପର୍ବ ପାଳନ ଦ୍ୱାରା ମନୁଷ୍ୟ ହୃଦୟରୁ ସମସ୍ତ କଳୁଷ ଧୋଇହୋଇ ଯିବା ସହ ମାନବାତ୍ମା ପରମାତ୍ମାରେ ରୂପାନ୍ତରିତ ହୋଇଯାଏ । ଏହି ପର୍ବକୁ କାୟ ମନୋବାକ୍ୟରେ ପାଳନ କଲେ ମଣିଷ ପରମେଶ୍ୱରଙ୍କ ଶାଶ୍ୱତ ଚିରନ୍ତନ ପ୍ରେମକୁ ଲାଭ କରିପାରିବ ବୋଲି ଅଖଣ୍ଡ ବିଶ୍ୱାସ ଅଛି । ଶୁକ୍ଳ ଦଶମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ପା ଦିନ ଧରି ଚାଲେ । ପୂର୍ଣ୍ଣମୀ ପର ଦିନ ହୋଲି ଉତ୍ସବ ପାଳନ କରାଯାଇଥାଏ । ଆମ ସଂସ୍କୃତିରେ ଏହି ପର୍ବ ସର୍ବ ପ୍ରାଚୀନ ପରମ୍ପରା ।

ବୃନ୍ଦାବନରେ ଋତୁରାଜ ବସନ୍ତର ଆଗମନରେ ବସନ୍ତ ରାସ ଉତ୍ସବ ଅନୁଷ୍ଠିତ ହୋଇଥାଏ । ବ୍ରଜାଙ୍ଗନା ମାନଙ୍କର ହର୍ଷୋଲ୍ଲାସରେ ଏହି ବସନ୍ତ ରାସ ପ୍ରାଣବନ୍ତ ହୋଇ ଉଠିଥାଏ । ପୌରଣିକ କିମ୍ବଦନ୍ତୀ କହେ ବୃନ୍ଦାବନର ଯମୁନା ନଦୀତଟରେ ଏହି ପବିତ୍ର ଦୋଳପୂର୍ଣ୍ଣମାବସରେ ଗୋପାଙ୍ଗନାମାନେ ରାଧା କୃଷ୍ଣଙ୍କୁ ଝୁଲଣରେ ବସାଇ ଝୁଲାଇ ଥାନ୍ତି, ତେଣୁ ଏହା ବାସନ୍ତିକ ରାସ ଭାବେ ଅଭିହିତ । ଭକ୍ତିମତି ରାଧିକା ଏହି ଦିନ ଗୋପୀମାନଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ସହ ଅବିର ଖେଳିଥିଲେ । ଏହି ଫଗୁ ଦଶମୀ ଓ ଅବିର ଖେଳ ମାନବ ସମାଜରେ ଏକ ଆଧ୍ୟାତ୍ମିକତାର ନବଚେତନା ଲାଭ କରିଥାଏ । ବିଶେଷ ଭାବରେ ଶ୍ରୀ ଚୈତନ୍ୟଙ୍କ ଜନ୍ମ ଏହି ଫଗୁ ଦଶମୀ ଦିନ ହୋଇଥିବାରୁ ସେହି ଦିନଠାରୁ ଏହି ପର୍ବର ସୂତ୍ରପାତ ହୋଇଥିଲା । ମାଦଳାପାଞ୍ଜି କହେ ଏହି ଉତ୍ସବ ସୃଷ୍ଟିକ ର୍ । ବ୍ରହ୍ମାଙ୍କ ଆଦେଶାନୁସାରେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଚୋଳଗଙ୍ଗ ଦେବଙ୍କ ରାଜତ୍ୱ ସମୟରୁ ଏହି ଯାତ୍ରା ଶ୍ରୀ ମନ୍ଦିରରେ ଦଶମୀଠାରୁ ଆରମ୍ଭ ହୋଇଥାଏ । ଦଶମୀ ଦିନ ମଧ୍ୟାହ୍ନ ଧୂପ ପରଠାରୁ ଶ୍ରି ଜୀଉଙ୍କୁ ଷୋଡଶ ଉପଚାର ପୁଜା ବନ୍ଦାପନା ଓ ଫଗୁଅଂଜଳି ହୋଇଥାଏ । ଓଡିଶାର ପୁରପଲ୍ଲୀରେ ଏହି ମିଳନର ପର୍ବ ଦୋଳ ଯାତ୍ରା ମହାସମାରୋହରେ ପାଳନ କରା ଯାଇଥାଏ । ଶ୍ରୀକୃଷ୍ଣଙ୍କ ଚଳନ୍ତ ବିଗ୍ରହଙ୍କୁ ଏକ ବିମାନରେ ବିଜେ କରାଯାଇ କୀ ର୍ନ, ତାଳ, ବାଦ୍ୟ, କାହାଳୀ ନାଦରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଥାଏ । ଭଗବାନଙ୍କ ଆଗମନରେ ଭକ୍ତ ହୃଦୟ ତଲ୍ଲିନ ହୋଇ ଉଠିଥାଏ । ଏହାକୁ ଚାଚେରୀ ବିଜେ କୁହାଯାଏ । ପ୍ରତି ବର୍ଷ ଏହି ଦିନରେ ଭକ୍ତ ଚାହିଁ ରହିଥାଏ ତାର ପ୍ରଭୁଙ୍କୁ ବନ୍ଦାପନା କରି ଭୋଗ ବାଢିବାକୁ । ତେଣୁ ଏହା ଭକ୍ତ ଓ ଭଗବାନଙ୍କର ମିଳନର ପର୍ବ ବୋଲି ସର୍ବଜନ ବିଦିତ । ଏହି ଦିନ ଋତୁରାଜ ବସନ୍ତର ଧରାପୃଷ୍ଠକୁ ଆଗମନ ହେବାସହ ମଳୟ ପବନର ମୃଦୁସ୍ପର୍ଶ ରେ ନବପଲ୍ଲବିତ ବୃକ୍ଷରାଜି ହସି ଉଠିଥାଏ । କୋକିଳର କୁହୁତାନ ସଭିଙ୍କ ମନ ପ୍ରାଣରେ ଅପୂର୍ବ ଉନ୍ମାଦନା ଆଣିବା ସହ ଭାରାକ୍ରାନ୍ତ ମନକୁ ଶାନ୍ତିର ପୀୟୁଷ ପ୍ରଦାନ କରିଥାଏ । ଗୋପାଳ ସମ୍ପ୍ରଦାୟ ନିଆରାଢଙ୍ଗରେ ଏହି ପର୍ବକୁ ପାଳନ କରିଥାନ୍ତି । ଏମନେ ଏହିଦିନ ଗୋ-ମାତା ଙ୍କୁ ଅତି ନିଷ୍ଠାର ସହ ପୁଜାର୍ଚ୍ଚନା କରିଥାନ୍ତି । ନୁତନ ବସ୍ତ୍ର ପରିଧାନ କରି ଗାଁ ଦାଣ୍ଡରେ ଅନେକ ରକମର ଲହଡି ଖେଳ ରେ ନିଜକୁ ହଜାଇ ଦେଇଥାନ୍ତି । ପୌରାଣିକ ତଥ୍ୟ ଅନୁସାରେ ଏହି ଦିନ ଶ୍ରୀକୃଷ୍ଣ ମେଣ୍ଢା ରାକ୍ଷସ କୁ ନିଧନ କରି ବୃନ୍ଦାବନ ବାସୀଙ୍କୁ ରକ୍ଷା କରିଥିବାରୁ ଏବେବି ଅନେକ ସ୍ଥାନରେ ମେଣ୍ଢା କୁଡିଆ ପର୍ବ ପାଳନ କରାଯାଉଛି । ପୂର୍ଣ୍ଣମୀ ବାସୀ ହୋଲି ପର୍ବ ପାଳନ କରାଯାଇଥାଏ । ଇଂରାଜୀ ଶବ୍ଦ ଅନୁସାରେ ହୋଲିର ଅର୍ଥ ପବିତ୍ରତା । ପରମ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା ଜ୍ଞାନ ଓ ଶକ୍ତିର ସମାହାର ପରମାତ୍ମା ରଙ୍ଗରେ ରଙ୍ଗାୟିତ ହୋଇ ସମାଜକୁ ପବିତ୍ରତା ଓ ଆତ୍ମିକ ସ୍ମୃତିର ବା ର୍ । ଦେଇଥାନ୍ତି । କିନ୍ତୁ ଆଜି ଆମ ଯୁବ ସମ୍ପ୍ରଦାୟ ଭୌତିକ ରଙ୍ଗରେ ନିଜ ଶରୀର, ମନ ଓ ମୁଖ ମଣ୍ଡଳକୁ ବିକୃତ କରିବାସହ ପରମାତ୍ମା ଭାବନାରୁ ନିଜକୁ ଦୁରେଇ ଦେବା ସମାଜ ପକ୍ଷରେ ଶୁଭଙ୍କର ନୁହଁ । ପରମାତ୍ମାଙ୍କ ରଙ୍ଗରେ ନିଜକୁ ରଙ୍ଗାଇଲେ ମାନବାତ୍ମା ଦେବାତ୍ମାରେ ପରିଣତ ହୋଇଥାଏ । ଐତିହାସି ଦୃଷ୍ଟିକୋଣରୁ ଏହି ହୋଲି ପର୍ବର ମହ ୍ୱ ମହନୀୟ । ମାଧୁର୍ଯ୍ୟ ଅବତାର ଭଗବାନ କଳାକାହ୍ନୁ ନିଜର ଭକ୍ତ ମାନଙ୍କୁ ଆନନ୍ଦ, ଉଲ୍ଲାସ କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ପରିକଳ୍ପନା କରିଥିଲେ । ଭକ୍ତ ଓ ଭଗବାନ ଏକାକାର ହେବା ସହ ନଜ ମନରୁ ସବୁ ବିକାରକୁ ଦହନ କରବାର ସନ୍ଦେଶ ପ୍ରଦାନ କରିଥାଏ ଏ ମିଳନର ପର୍ବ ଦୋଳ ଓ ହୋଲି ।

*ଖୋର୍ଦ୍ଧା, (୬୩୭୦୬ ୭୫୫୬୨)*

# ବ୍ୟାଙ୍କିଙ୍ଗ ସେବା : ବ୍ୟକ୍ତିଗତ ଋଣ ନେଇ ଅଜଣା ତଥ୍ୟ

**ଦୁର୍ଗା ପ୍ରସାଦ ସ୍ୱାଇଁ**

ଆପଣ ଆର୍ଥିକ ସୁବିଧା ପାଇଁ ବ୍ୟାଙ୍କ ସହ ସୁସମ୍ପର୍କ ଭିତରେ ଋଣ ନେଉଛନ୍ତି କି ? ଆମେ ସମସ୍ତେ ଏହା ଜାଣୁ କେବଳ ଭାରତୀୟ ଅର୍ଥନୀତି ନୁହେଁ ପ୍ରତିଟି ବ୍ୟକ୍ତିର ଅର୍ଥନୀତି ଓ ଦେଣନେଣ କାରବାରର ମୁଖ୍ୟ ବନ୍ଧୁ ହେଉଛି ବ୍ୟାଙ୍କ । ତେବେ ବ୍ୟାଙ୍କରେ ଋଣ କଥା ଉଠିଲେ ଅନେକ ଲୋକଙ୍କ ଭିତରେ ଅନେକ ଧାରଣା ସବୁ ଆଲୋଚିତ ହୁଏ । ତେବେ ଆଜି ବିଶେଷକରି ବ୍ୟାଙ୍କରୁ ପର୍ସନାଲ ଲୋନ ବା ବ୍ୟକ୍ତିଗତ ଋଣ ଯାହାକୁ କୁହାଯାଏ ସେ ସମ୍ପର୍କରେ ଏକ ଛୋଟିଆ ତଥ୍ୟଭିତ୍ତିକ ସୂଚନା ଆପଣଙ୍କ ପାଖରେ ରଖୁଛି । ଏହାକୁ କହିବାକୁଗଲେ ବ୍ୟାଙ୍କିଙ୍ଗ ଋଣ କ୍ଷେତ୍ରରେ ପାଞ୍ଚଟି ଭୁଲ ଧାରଣା ବା ଆପଣଙ୍କ ପାଇଁ ଅଜଣା ତଥ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଜଣେ ନିଜର ଜରୁରୀ ଆବଶ୍ୟକତା ପୂରଣ ହେଉ କିମ୍ବା ଭ୍ରମଣ ନିମିତ୍ତ ସପରିବାର ବାହାରକୁ ଯାତ୍ରା । ଏ କ୍ଷେତ୍ରରେ ବ୍ୟାଙ୍କରୁ ଆପଣ ପର୍ସନାଲ ଲୋନ ନେଇପାରିବାର ବ୍ୟବସ୍ଥା ରହିଛି । ଏହି ଋଣ ଆବେଦନ କଲାବେଳେ ବ୍ୟାଙ୍କକୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇବାର ବ୍ୟବସ୍ଥା ରହିଛି । ବ୍ୟାଙ୍କିଙ୍ଗ ଋଣ କ୍ଷେତ୍ରରେ ବ୍ୟକ୍ତିଗତ ଋଣ ଏକ ସୁବିଧାଜନକ ବ୍ୟବସ୍ଥା । କେହି କେହି କୁହନ୍ତି ଯେ ବ୍ୟକ୍ତିଗତ ଋଣ କେବଳ ଜଣଙ୍କର ଦେହ ପା'ର ଉନ୍ନତ ଚିକିତ୍ସା ବା ଚିକିତ୍ସା ସମ୍ବନ୍ଧୀୟ ପାଇଁ । ବ୍ୟକ୍ତିଗତ ଋଣକୁ ଆପଣ ଆପଣଙ୍କର ଅତ୍ୟନ୍ତ ଜରୁରୀ କାଳୀନ ଖର୍ଚ୍ଚ ତଥା ଅତ୍ୟାବଶ୍ୟକ ସମୟରେ ଲୋଡ଼ା ପଡୁଥିବା ଚିକିତ୍ସା ସମ୍ବନ୍ଧୀୟ ପାଇଁ ବ୍ୟବହାର କରିପାରନ୍ତି ତେବେ ଏହା ବ୍ୟତୀତ ଆପଣଙ୍କର ପାରିବାରିକ ଶୁଭମାଙ୍ଗଳିକ କାର୍ଯ୍ୟକ୍ରମ ବିବାହ କୁହନ୍ତୁ କିମ୍ବା ପାରିବାରିକ ଆନୁଷ୍ଠାନିକ କାର୍ଯ୍ୟକ୍ରମ । ପୁରୁଣା ଘରକୁ ନବୀକରଣ କରନ୍ତୁ ବା ଶିକ୍ଷା ଖର୍ଚ୍ଚ ଏପରିକି ପାରିବାରିକ ଭ୍ରମଣ, ସେକେଣ୍ଡ ହ୍ୟାଣ୍ଡ ଗାଡ଼ି କିଣିବା ଠାରୁ ନୂଆ ବ୍ୟବସାୟଟି ଆରମ୍ଭ କରିବା ହେଉ । ଏସବୁଥିରେ ମଧ୍ୟ ବ୍ୟକ୍ତିଗତ ଋଣ ବ୍ୟବହାର କରାଯାଇପାରିବ । ଆମେ ଏହି ପର୍ସନାଲ ଲୋନ ବା ବ୍ୟକ୍ତିଗତ ଋଣ ପ୍ରସଙ୍ଗ ଭିତରେ ଅନେକଙ୍କ ଠାରେ ରହିଥିବା ଏକ ଭୁଲ ଧାରଣା ସମ୍ପର୍କରେ ଉଲ୍ଲେଖ କରୁଛୁ । ଏହା ବ୍ୟାଙ୍କିଙ୍ଗର ବ୍ୟବସ୍ଥା ଯେ ବ୍ୟକ୍ତିଗତ ଋଣ ପାଇଁ ୭୫୦ରୁ ଅଧିକ କ୍ରେଡିଟ ସ୍କୋର ଅତ୍ୟନ୍ତ ଆବଶ୍ୟକ ବା ଅନିର୍ବାର୍ଯ୍ୟ । ଋଣ ଲାଗି ଏକ ଉଚ୍ଚ କ୍ରେଡିଟ ସ୍କୋର ଉପକାରୀ ହେଉଥିବାବେଳେ ଏହା କିନ୍ତୁ ଅନିର୍ବାଯ୍ୟ ନୁହେଁ । ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଏମିତି ଲୋକମାନଙ୍କୁ ବି ବ୍ୟକ୍ତିଗତ ଋଣ ପ୍ରଦାନ କରନ୍ତି ଯାହାର କ୍ରେଡ଼ିଟ ସ୍କୋର ୭୦୦ - ୭୫୦ ଭିତରେ ରହିଥାଏ । କେତେକ ଅବସ୍ଥାରେ ୭୦୦ରୁ କମ ସ୍କୋର ଥିଲେ ମଧ୍ୟ ଋଣ ମିଳିପାରିବ । ଏ ନେଇ ଆପଣ ଋଣ ଆବେଦନ କରିବା ସମୟରେ ସବିଶେଷ ଭାବେ ବ୍ୟାଙ୍କ ଠାରୁ ବୁଝିପାରିବେ । ବ୍ୟକ୍ତିଗତ ଋଣ ସମ୍ବନ୍ଧରେ ଆଲୋଚନା କଲାବେଳେ ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆମେ ଏଠାରେ ଆଲୋଚନାଟି ରଖୁଛୁ । ଅନେକଙ୍କ ଭିତରେ ଏକ ଧାରଣା ରହିଛି ଯେ ଜଣେ ସରକାରୀ କର୍ମଚାରୀ ଅର୍ଥ ତାଙ୍କ ପାଇଁ ବ୍ୟକ୍ତିଗତ ଋଣ ପାଇବା ନିଶ୍ଚିନ୍ତ ଓ ସହଜ ସାଧ୍ୟ । ତେବେ ଏ କ୍ଷେତ୍ରରେ ଏକ ଭୁଲ ଧାରଣା ସମ୍ପର୍କରେ ଆମେ ଉଲ୍ଲେଖ କରୁଛୁ ଯେ କେବଳ ସରକାରୀ ଚାକିରିଆମାନେ ନୁହଁନ୍ତି ଏହା ବ୍ୟତୀତ ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷ ତଥା ସଫଳ ଉଦ୍ୟୋଗୀ ଏବଂ ସମାଜରେ ଆର୍ଥିକ ବା ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ତଥା ସଫଳବୃତ୍ତିରେ ଥିବା ବ୍ୟକ୍ତିବିଶେଷମାନେ ମଧ୍ୟ ବ୍ୟକ୍ତିଗତ ଋଣ ନେଇପାରିବେ । ତେବେ କେହି କେହି ଋଣ ପ୍ରସଙ୍ଗରେ ଏକ ଅନାଲୋଚିତ ଦିଗ ସମ୍ପର୍କରେ ମତାମତ ରଖନ୍ତି ଯେ ଋଣ କରିବା ଆଦୌ ଠିକ ନୁହଁ କିନ୍ତୁ ଏଠାରେ ଆମେ ସ୍ପଷ୍ଟ କରୁଛୁ ଯେ ଜଣଙ୍କର ଆର୍ଥିକ ଦିଗକୁ ସ୍ୱଚ୍ଛଳ ନିମିତ୍ତ ଏବଂ ସ୍ୱାବଲମ୍ବୀ ଭାବେ ନିଜେ ସମାଜରେ ସ୍ୱାଭିମାନର ସହ ଜୀବନ ତିଆରି କରିବା କ୍ଷେତ୍ରରେ ବ୍ୟକ୍ତିଗତ ଋଣ ଦାୟିତ୍ୱପୂର୍ଣ୍ଣ ଓ ବ୍ୟବସ୍ଥିତ ଭାବେ ବ୍ୟବହାର ହେଲେ ଏହାର ଅନେକ ଉପକାରୀ ଆର୍ଥିକ ସାଧନ ହୋଇପାରିବ । ଭାରତ ସରକାରଙ୍କ ଅର୍ଥ ବିଭାଗ ସମାଜର ଅଭାବୀ, କମ ଗୁଜୁରାଣ ସମ୍ପନ୍ନ ଲୋକମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସେମାନଙ୍କର ଜୀବନର ଆନନ୍ଦମୟ ଅଗ୍ରଗତି ପାଇଁ ଅନେକ ଯୋଜନା, ସହାୟତା ଓ ପୃଷ୍ଠପୋଷକତା ଦେଉଛନ୍ତି । ଆପଣ ବ୍ୟକ୍ତିଗତ ଋଣଟି ଯେଉଁ ମହତ୍ ଭାବନା ରଖି ଆପଣଙ୍କ ଅର୍ଥପୂର୍ଣ୍ଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କିମ୍ବା ଦାୟିତ୍ୱ ନିର୍ବାହ ପାଇଁ ନେଇଛନ୍ତି ଏହାକୁ ହିଁ ଭଲ ଭାବେ ପାଳନ କରନ୍ତୁ । ସେହିପରି ଆପଣ ଋଣ ଆବେଦନ ପୂର୍ବରୁ ଆପଣଙ୍କ ନିକଟସ୍ଥ ଯେଉଁ ବ୍ୟାଙ୍କରୁ ଆପଣ ପର୍ସନାଲ ଲୋନ ନେବା ପାଇଁ ଇଚ୍ଛୁକ ଭଲ ଭାବେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଆପଣ ଋଣ ଆବେଦନ ସମୟରେ ବ୍ୟାଙ୍କକୁ ସମସ୍ତ ତଥ୍ୟ ସଠିକ ଭାବେ ପ୍ରଦାନ କରନ୍ତୁ । କୌଣସି ତଥ୍ୟ ଗୋପନୀୟ ରଖନ୍ତୁ ନାହିଁ କିମ୍ବା ବ୍ୟାଙ୍କକୁ ଜଟିଳ କିମ୍ବା ଭୁଲ ତଥ୍ୟ ପ୍ରଦାନ କରନ୍ତୁନାହିଁ । ଏହା କେବଳ ବ୍ୟାଙ୍କ ପାଇଁ ଅସୁବିଧାଜନକ ନୁହଁ ବରଂ ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ସୂଚନା କ୍ଷେତ୍ରରେ ଅସୁବିଧା ଜନକ ସାବ୍ୟସ୍ତ ହେବ । ଆମେ ଭାରତର ପ୍ରତିଟି ନାଗରିକ ଆମ ଦେଶ ପାଇଁ ଯେଉଁ ସୁକର୍ତ୍ତବ୍ୟନିଷ୍ଠା ଓ ଦେଶ ପ୍ରତି ଭଲ ପାଇବା ଓ ସମ୍ମାନ ରହିଛି ସେଥି ଭିତରୁ ଗୋଟିଏ ଭଲ ଦିଗ ହେଉଛି ବ୍ୟାଙ୍କ ସହ ସମ୍ପର୍କ ରକ୍ଷା ବେଳେ ଏହାକୁ ଆମେ ପରମ ମିତ୍ର ଭାବେ ଗ୍ରହଣ କରି କୌଣସି ଭୁଲ ତଥ୍ୟ ଦେବାନାହିଁ କିମ୍ବା ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ସମୟ ଆମ ଭୁଲ ତଥ୍ୟ ପାଇଁ ଯେପରି ନଷ୍ଟ ନହୁଏ ସେ ଦିଗକୁ ମଧ୍ୟ ଟିକେ ଦେଖିବା । ଅନେକ କ୍ଷେତ୍ରରେ ଦେଖାଯାଏ ଜଣଙ୍କର ଭୁଲ ତଥ୍ୟ, ଭ୍ରାନ୍ତଧାରଣା ଓ କିଛି ଗୋପନୀୟତା ବ୍ୟାଙ୍କ ଓ ସମ୍ପୃକ୍ତ ଆକାଉଣ୍ଟ ହୋଲଡରଙ୍କ ଭିତରେ ଏକ ଭୁଲ ବୁଝାମଣା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ । ଆପଣଙ୍କର ଗୋଟିଏ ଛୋଟିଆ ଭୁଲ କିମ୍ବା ଭୁଲ ତଥ୍ୟ କେବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ନୁହେଁ ଭାରତୀୟ ଅର୍ଥନୀତିର ମୂଲ୍ୟବାନ ସମୟକୁ ନଷ୍ଟ କରିଥାଏ । ତେଣୁ ଜଣେ ଜାଗ୍ରତ ନାଗରିକ ଭାବେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଆପଣ ବ୍ୟକ୍ତିଗତ ଋଣ ନେଇ ଆପଣଙ୍କର ମହତ୍ କାର୍ଯ୍ୟ ସାଧନ କରନ୍ତୁ ଏବଂ ଆପଣଙ୍କର ଏହି ଆର୍ଥିକ ସାଧନ ମଙ୍ଗଳମୟ ତଥା ଶୁଭଙ୍କର ହେଉ ଏହି କାମନା ଆମ ତରଫରୁ ରଖୁଛୁ ।

*ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ଲିଙ୍କରୋଡ, କଟକ, ୯୮୫୩୦୭୭୭୫୮୫*

# ୪୦ ପରେ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା


ଶୁଭଶ୍ରୀ ମିଶ୍ର

ପୂର୍ବରୁ ୪୦ ବର୍ଷ ବୟସରେ ପହଞ୍ଚିଲା ବେଳକୁ ଜଣେ ନିଜକୁ ବୟସ୍କ ବୋଲି ଭାବି ନେଉଥିଲେ । କିନ୍ତୁ ଏବେ କୁହାଯାଉଛି ଯେ ୪୦ରୁ ଜୀବନ ଆରମ୍ଭ । ତେବେ ମହିଳାଙ୍କ କ୍ଷେତ୍ରରେ ୪୦ ବର୍ଷ ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ । ଏହି ସମୟରେ ସେମାନେ ନିଜର ସ୍ୱାସ୍ଥ୍ୟକୁ ନେଇ ଯତ୍ନବାନ ହେବା ଆବଶ୍ୟକ ।
ହୃଦଘାତ : ଏହି ବୟସରେ ମହିଳାଙ୍କୁ ଅଧିକ ହୃଦଘାତ ହେବା ଆଶଙ୍କା ଥାଏ । ଖରାପ ଜୀବନ ଶୈଳୀ, ବ୍ୟାୟାମ ନ କରିବା ତଥା ଓଜନ ବୃଦ୍ଧି ଯୋଗୁଁ ହୃଦଘାତ ହେବା ଆଶଙ୍କା ଅଧିକ ବଢ଼ିଯାଏ । ଏଥିପାଇଁ ମହିଳାଙ୍କୁ ସନ୍ତୁଳିତ ଖାଦ୍ୟ ଖାଇବା ସହିତ ନିୟମିତ ବ୍ୟାୟାମ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଭିଟାମିନ ଅଭାବ : ଭିଟାମିନର ଅଭାବ ଯେ କୌଣସି ବୟସରେ ଦେଖାଦେଇପାରେ । ତେବେ ମହିଳାଙ୍କ କ୍ଷେତ୍ରରେ ଏହା ୪୦ ବର୍ଷ ବୟସରେ ପରେ ସାଧାରଣତଃ ଦେଖାଦେଇଥାଏ । ଭିଟାମିନ ଅଭାବ ଯୋଗୁଁ ଓଜନ କମିବା, ସ୍ମରଣଶକ୍ତି ହ୍ରାସ ପାଇବା, ଋତୁସ୍ରାବରେ ଅନିୟମିତତା ଆଦି ସମସ୍ୟା ଦେଖାଦେଇଥାଏ ।
ସ୍ତନ କର୍କଟ : ୩୦ରୁ ୪୦ ବର୍ଷ ବୟସ ମଧ୍ୟରେ ମହିଳାଙ୍କୁ ସ୍ତନ କର୍କଟ ହେବା ସମ୍ଭାବନା ଅଧିକ ଥାଏ । ତେବେ ଏହି ମାରାତ୍ମକ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ଜୀବନ ଶୈଳୀ ଉପରେ ଧ୍ୟାନ ଦେବାକୁ ପଡ଼ିବ । ପ୍ରାଥମିକ ଅବସ୍ଥାରୁ ଯଦି ଠିକ ଭାବେ ଚିକିତ୍ସା କରାଯାଏ ସ୍ତନକର୍କଟ ଦୂର କରାଯାଇପାରିବ ।
ଆକସ୍ମିକ ଗର୍ଭଧାରଣ : ୪୦ ବର୍ଷ ବୟସରେ ମହିଳାମାନେ ଗର୍ଭଧାରଣ କରିପାରିବେ । କିନ୍ତୁ ଅନେକଙ୍କ ଧାରଣା ଥାଏ ଯେ, ୪୦ ବର୍ଷ ବୟସ ହୋଇଗଲେ ଜନ୍ମ ନିୟନ୍ତ୍ରଣ ଆବଶ୍ୟକ ନଥାଏ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ମହିଳାମାନେ ଯେ କୌଣସି ବୟସରେ ଗର୍ଭଧାରଣ କରିପାରିବେ । ଯଦିଓ ୪୦ରୁ ଉର୍ଦ୍ଧ୍ୱ ବୟସ ମହିଳାମାନେ ଗର୍ଭଧାରଣ କରିବା ଆଦୌ ପରାମର୍ଶଦାୟକ ନୁହେଁ । ମଧୁମେହ : ୪୦ ବର୍ଷ ବୟସ ଛୁଇଁବା ପୂର୍ବରୁ ମହିଳାମାନେ ମଧୁମେହ ପରୀକ୍ଷା କରାଇନେବା ଉଚିତ । ନିୟମିତ ଯୋଗ, ବ୍ୟାୟାମ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ । ଅନିୟମିତ ଋତୁସ୍ରାବ : ଅନିୟମିତ ଋତୁସ୍ରାବ ମହିଳାଙ୍କ ଏକ ପ୍ରମୁଖ ସମସ୍ୟା । ୪୦ ବର୍ଷ ବୟସ ପରେ ପ୍ରାୟ ଅଧିକାଂଶ ମହିଳାଙ୍କ ଠାରେ ଏହି ସମସ୍ୟା ଦେଖାଦେଇଥାଏ । ଏହାଦ୍ୱାରା ମହିଳାମାନେ ହୃଦଘାତ ଆଣ୍ଠୁଗଣ୍ଠି ବ୍ୟଥା ଓ ମଧୁମେହ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଯଦି ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦିଏ, ତାହାହେଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ*

# ଓଲିଉଡର ଧ୍ରୁବତାରା : ସର୍ବୋତ୍ତମ ଉତ୍ତମ

ଓଡ଼ିଆ ସିନେମା ଜଗତରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନାୟକ । ଓଡ଼ିଆ ସିନେ ଜଗତର ସେ ଥିଲେ ଧ୍ରୁବତାରା । ଜୀବନ ରଙ୍ଗମଞ୍ଚରେ ଅଭିନୟ ସାରି ବାହୁଡ଼ି ଯାଇଛନ୍ତି ଉତ୍ତମ ମହାନ୍ତି । କହିବାକୁଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଉଜ୍ଜ୍ୱଳ ତାରକା ଅନ୍ତର୍ନିହିତ ହୋଇଗଲେ । ଅନେକ ସୁପରହିଟ ଚଳଚ୍ଚିତ୍ରରେ ଭିନ୍ନ ଭିନ୍ନ ଭୂମିକାରେ ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନରୋଞ୍ଜନ କରୁଥିଲା । ୨୩ ଡିସେମ୍ବର ୧୯୫୮ରେ ବାରିପଦାରେ ଜନ୍ମ ଗ୍ରହଣ କରିଥିବା ଉତ୍ତମ ମହାନ୍ତି ବାସ୍ତବରେ ଥିଲେ ସର୍ବୋତ୍ତମ । ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟରୁ ବିଦ୍ୟାଳୟ ପାଠପଢ଼ା ପରେ ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ବିଜ୍ଞାନ ପଢ଼ିଥିଲେ ସେହିଠାରେ ହିଁ ମଞ୍ଚ ନାଟକରେ ତାଙ୍କ ନିଖୁଣ ଅଭିନୟ ଦକ୍ଷତା ତାଙ୍କ କଳା ଦୁନିଆ ପାଇଁ ବାଟ ଦେଖାଇଥିଲା । ଟେବୁଲ ଟେନିସ ଓ ବ୍ୟାଡ଼ମିଣ୍ଟନ ଖେଳିବାରେ ତାଙ୍କର ବଡ଼ ରୁଚି ରହିଥିଲା । ସ୍ନାତକ ପାଠ୍ୟକ୍ରମ ପରେ ଚାଟାର୍ଡ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଯାଇଥିଲେ । ତେବେ ୧୯୭୬ ମସିହାରେ ଖ୍ୟାତନାମା ନିର୍ଦ୍ଦେଶକ ସାଧୁ ମେହେରଙ୍କ 'ଅଭିମାନ' ସିନେମା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ଏହି ସିନେମାର କାହାଣୀ ଲେଖକ ଆନନ୍ଦ ଶଙ୍କର ଦାସ ତାଙ୍କ ପରିଚିତ ଥିବାରୁ ସେ ଏହି ସିନେମା ପାଇଁ ତାଙ୍କୁ ରାଜି କରାଇଥିଲେ । ୧୯୭୭ରେ ରିଲିଜ ହୋଇଥିବା 'ଅଭିମାନ' ସେ ସମୟର ସୁପର ଡୁପର ହିଟର ମାନ୍ୟତା ପାଇଥିଲା । ତେବେ ଅନେକ ଗଣମାଧ୍ୟମକୁ ମଧ୍ୟ ଉତ୍ତମ କହିଥିଲେ ଯେ ସିନେମାକୁ ଆସିବା ପାଇଁ ତାଙ୍କର କୌଣସି ଇଚ୍ଛା ହିଁ ନଥିଲା । ତାଙ୍କ ନିଜ ଭାଷାରେ 'ଯଦି ପ୍ରଥମର ଏ ଲାଇନକୁ ଆସିବା ପାଇଁ ପ୍ରସ୍ତୁତ ଥାଆନ୍ତି ତେବେ ଦ୍ୱିତୀୟ ଫିଲ୍ମ ଦୁଇ ବର୍ଷ ପରେ କରିନଥାନ୍ତି' । ଓଡ଼ିଆ ଚଳଚ୍ଚିତ୍ରରେ ନାୟକର ନୂଆ ପରିଭାଷା ତିଆରି କରିବା ସହ ତାଙ୍କ ଭିନ୍ନ ଭିନ୍ନ ଭୂମିକାର ସାବଲୀଳ ଅଭିନୟ ତାଙ୍କୁ ହିଁ ଅବିଳମ୍ବେ ଓଡ଼ିଆ ଫିଲ୍ମ ଜଗତର ସବୁଠାରୁ ବଡ଼ ତାରକାର ମାନ୍ୟତା ଦେଇଥିଲା ।

୧୯୭୭ରେ ତାଙ୍କ 'ଅଭିମାନ' ଚଳଚ୍ଚିତ୍ରରୁ ଯେଉଁ ସୁନେଲି ଜଗତକୁ ସେ ପାଦ ପକାଇଥିଲେ ପରେ ପରେ ତାଙ୍କର ୧୯୭୮ରେ 'ପତି ପତ୍ନୀ' ଠାରୁ ୧୯୮୨ରେ 'ଫୁଲ ଚନ୍ଦନ', ୧୯୮୪ରେ 'ଦଣ୍ଡା ବାଲୁଙ୍ଗା', ୧୯୮୫ରେ 'ସହରୀ ବାଘ', ୧୯୮୬ରେ 'ଜୋରଯାର ମୂଲକ ତାର', ୧୯୮୯ରେ 'ଦଇବ ଦଉଡି' ଏହିପରି ତମାମ ସିନେମାକୁ ମିଶାଇଲେ ୧୩୫ଟି ଓଡ଼ିଆ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି । ୮୦ ଓ ୯୦ ଦଶକରେ ସେ ଥିଲେ ଓଡ଼ିଆ ସିନେ ଜଗତର ସବୁଠାରୁ ସଫଳ ଓ ବ୍ୟସ୍ତତମ ତାରକା । ତାଙ୍କ ଅଭିନୀତ ଚଳଚ୍ଚିତ୍ର ଗୁଡ଼ିକ ଓଡ଼ିଆଙ୍କ ଘରେ ଘରେ ବେଶ ପ୍ରିୟପାତ୍ର ହୋଇପାରିଛି । ଏହା ବ୍ୟତୀତ ୧୯୯୧ରେ ହିନ୍ଦୀ ଚଳଚ୍ଚିତ୍ର 'ନୟାଜହର'ରେ ସେ ଅଭିନୟ କରିଥିଲେ । ତାଙ୍କର ଅନେକ ସିନେମା ସଫଳ କୃତୀତ୍ୱ ପାଇବା ସହ ସୁପରଡୁପର ହିଟ ମାନ୍ୟତା ପାଇଥିଲା । ୨୦୦୯ ମସିହାରେ ତାଙ୍କର ସେ ସିନେମା ଥିଲା 'ପାଗଳ କରିଛି ପାଉଁଜି ତୋର' ଏହା ବ୍ୟତୀତ 'ସାରା ଆକାଶ', 'ପଣତ କାନି', 'ଉତ୍ତରଦାୟୀ', 'କଥା କହୁଥିଲେ ସରିବନି' ପ୍ରମୁଖ କିଛି ଅଳ୍ପ ଧାରାବାହିକରେ ଅଭିନୟର ଯାଦୁ ଦେଖାଇଛନ୍ତି । ସେ ଥିଲେ ଏପରି ଜଣେ ଓଡ଼ିଆ ଅଭିନେତା ଯେ କି ୧୩୫ଟି ଓଡ଼ିଆ ସିନେମା ସହିତ ୩୦ଟି ବଙ୍ଗଳା ସିନେମା ଓ ଗୋଟିଏ ହିନ୍ଦୀ ସିନେମାରେ ତାଙ୍କ ଦକ୍ଷତା ଦେଖାଇଛନ୍ତି । ତେବେ ୧୯୯୧ ମସିହାରୁ କୁଙ୍କୁମ ମୁଭିଜ ବ୍ୟାନରରେ ତିଆରି ହୋଇଥିବା 'ମମତାର ମନ୍ଦିର'ର ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମଧ୍ୟ ଏହାର ସୁଟିଂ ସରିଯାଇଥିଲା କିନ୍ତୁ ଏହାର ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟ ଏଯାବତ୍ ବାକି ରହିଗଲା । ଶ୍ରେଷ୍ଠ ଅଭିନେତା ଭାବେ ସେ ଚାରିଥର ପୁରସ୍କୃତ ହୋଇଛନ୍ତି । ସେ ସିନେମା ଗୁଡ଼ିକ ହେଉଛି 'ସୁନା ଚଢ଼େଇ', 'ଦଣ୍ଡା ବାଲୁଙ୍ଗା', 'ଫୁଲ ଚନ୍ଦନ' ଓ 'ଝିଅଟିଏ ସୀତା ପରି' । ୨୦୧୨ ମସିହାରେ ଓଡ଼ିଶା ଲିଭିଂ ଏଜେଣ୍ଡ ଆୱାର୍ଡ, ୧୯୯୯ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ସମ୍ମାନ ଜୟଦେବ ସମ୍ମାନ ସେ ପାଇଥିଲେ । ତାଙ୍କର ସୁପରହିଟ ଚଳଚ୍ଚିତ୍ର ଗୁଡ଼ିକ ପରବର୍ତ୍ତୀ ପିଢ଼ୀ ପାଇଁ ଅଭିନୟର ଯାଦୁ ଶିଖାଇଛି ।

ଏ ମି ତି ରେ କହିବାକୁଗଲେ କେଉଁ ଓଡ଼ିଆ ଜଣେ ନଥିବେ ଯିଏ ଉତ୍ତମ ମହାନ୍ତିଙ୍କ ଅଭିନୀତ ସିନେମା ପ୍ରେମରେ ପଡ଼ିନଥିବେ । ତାଙ୍କର ରୋମାଣ୍ଟିକ ଅଭିନୟ ଠାରୁ ଆକ୍ସନ, ନୃତ୍ୟ ଠାରୁ ସାଧାରଣ ଚେହେରା ସବୁଥିରେ ସେ ଥିଲେ ଅନନ୍ୟ ଓ ସ୍ୱତନ୍ତ୍ର । ଓଲିଉଡରେ ସୁପରଷ୍ଟାର ବୋଲି ଯଦି କାହାରିକୁ ପ୍ରଥମ ଥର ଆଖ୍ୟା ଦିଆଯାଇଥିଲା ତେବେ ଯେ କେହି ବି ଆଖି ବୁଜି ସ୍ୱୀକାର କରିବ ସେ ଥିଲେ ହିଁ ଉତ୍ତମ । ବ୍ୟକ୍ତିଗତ ଜୀବନରେ ସେ ଜଣେ ଅତ୍ୟନ୍ତ ବନ୍ଧୁବତ୍ସଳ, ଭଦ୍ର, ଅମାୟିକ ଓ ଖୁବ କମ କଥା କହୁଥିବା ବ୍ୟକ୍ତିତ୍ୱ । ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ତାଙ୍କୁ ନେଇ ହିଁ ଘୁରି ବୁଲୁଥିଲା । ଏପରି ଏକ ସମୟ ଥିଲା ତାଙ୍କୁ ଛାଡ଼ି କୌଣସି ସିନେମା କଥା ନିର୍ଦ୍ଦେଶକ ବା ପ୍ରଯୋଜକମାନେ ଚିନ୍ତା ବି କରିପାରୁ ନଥିଲେ । ତାଙ୍କ ପରିବାରଟି ସମ୍ପୂର୍ଣ୍ଣ ରୂପେ ଚଳଚ୍ଚିତ୍ର ଜଗତ ପ୍ରତି ସମର୍ପିତ । ତାଙ୍କ ପତ୍ନୀ ଅଭିନେତ୍ରୀ ଅପରାଜିତା ଓ ପୁଅ ବାବୁଶାନ ଅଭିନୟ ଜଗତରେ ଅନେକ ସଫଳତା ପାଇଛନ୍ତି । ଉତ୍ତମ-ଅପରାଜିତା ଯୋଡ଼ି ଓଲିଉଡର ସର୍ବକାଳୀନ ହିଟ ଯୋଡ଼ି ଭାବେ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିବା ସହ ପ୍ରଯୋଜକଙ୍କୁ ସଫଳତା ଦେଇଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଜଗତର ସେ ଥିଲେ ଚିରସବୁଜ ନାୟକ । ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପରିପୁଷ୍ଟ କରିବାରେ ତାଙ୍କ ଯୋଗଦାନ ଅତୁଳନୀୟ । ନିଖୁଣ ଓ ଜୀବନ୍ତ ଅଭିନୟ ତାଙ୍କୁ ଘରେ ଘରେ ଲୋକପ୍ରିୟ କରାଇଥିଲା । ଓଡ଼ିଶା ସିନେ ଜଗତର ଜଣେ ଯୋଗଜନ୍ମାଙ୍କ ଆଜି ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ବାସ୍ତବରେ ଅପୂରଣୀୟ ରହିବ । ଦୀର୍ଘ ସମୟ ପାଇଁ ପ୍ରତିଟି ଓଡ଼ିଆଙ୍କ ମନରେ ହିଁ ସେ ରହିବେ । ତାଙ୍କର ଅମର ଆତ୍ମାର ସଦଗତି କାମନା କରୁଛି ।

***୪ଜି, ପ୍ରତାପ ଆପାର୍ଟମେଣ୍ଟ,***
***୭-ଏକ୍ସଟେନସନ ରୋଡ଼,***
***ପୁରୁଣା ସୋନାରୀ,***
***ଜାମସେଦପୁର***

# ସାହିତ୍ୟ ଦର୍ପଣ



## ନିର୍ମୋକ



ସୁଦର୍ଶନ ମହାପାତ୍ର

ପଡୋଶୀ ବିଶ୍ୱାଳ ବାବୁଙ୍କ ସାମ୍ନାସାମ୍ନି ଘର ହେଉଛି ଆମର।ଆମ ଭିତରେ ସେମିତି ବିଶେଷ କିଛି ଘନିଷ୍ଠତା ନଥିଲେ ମଧ୍ୟ
କିଛି ମନାନ୍ତର ବା ପରସ୍ପର ପ୍ରତି ବିଦ୍ୱେଷ ଭାବ ବି ନାହିଁ। ଅତି ଦରକାର ପଡ଼ିଲେ ସହଯୋଗର ହାତ ବି ପରସ୍ପରକୁ ବଢ଼ାଇ ଦେଉ।ଏଇ ଯେମିତି ତାଙ୍କ ପୁଅ ବାହାଘରକୁ ଆମେ ସପରିବାର ଯାଇଁ ଯଥା ସମ୍ଭବ ସାହାଯ୍ୟ କରିଥିଲୁ ଏବଂ ବିଶ୍ୱାଳ ବାବୁ ଏକଦା ମୋର ତୁରନ୍ତ ଚିକିତ୍ସା ଆବଶ୍ୟକତା ଥିବାରୁ ରାତିରେ ଡାକ୍ତରଖାନା ନେଇ ଯାଇଥିଲେ। କେଇଦିନ ତଳେ ବିଶ୍ୱାଳ ବାବୁଙ୍କ ଘରୁ ଚଢେଇ ବସାରେ ଡାମଣା ପଶିଲା ପରି କିଛି ଉଚ୍ଚବାଚ୍ୟର ଶବ୍ଦ ବାହାରିଲା ଏବଂ ଟିକିଏ ପରେ କୋଟପ୍ୟାଣ୍ଟ ପରିହିତ ଏବଂ ମଫଲରରେ ମୁହଁ କାନ ଆଚ୍ଛାଦିତ ଲୋକଟିଏ ଗେଟ୍ ଖୋଲି ପଦାକୁ ବାହାରିଲା।
ରାସ୍ତାରେ ସେ ପାଦ ଦେଲା ତ ବିଶ୍ୱାଳ ବାବୁ ଏବଂ ତାଙ୍କ ପତ୍ନୀ ଆସିଯାଇଥିଲେ ବାଲକୋନିକୁ। ସେଇ ଲୋକଟି ଉପରେ ଗାଳି ବର୍ଷଣ ଅବ୍ୟାହତ ଥିଲା ସେ ଦୃଷ୍ଟି ଆଢୁଆଳକୁ ଯିବା ପର୍ଯ୍ୟନ୍ତ।

ଏଇ ସମୟରେ ଘଟଣା ବିଷୟରେ ପଚାରିବା ଟା ଠିକ୍ ହେବ କି ନାହିଁ ମୁଁ ଦୋଦୋପାଞ୍ଚ ହେଉଥିଲା ବେଳେ ବିଶ୍ୱାଳ ବାବୁ ନିଜ ଆଡୁ କଥା ଆରମ୍ଭ କଲେ।

-‘ ଜାଣିଲେ ମିଶ୍ର ବାବୁ, ଇଏ ଯିଏ ଆସିଥିଲା ଆମର ସଢୁ ମହାଶୟ।ଦେଖିଲେ ତ କେମିତି ଡକାୟତ ବେଶରେ ବାବୁ ଆସିଥିଲେ ? ଛୁରୀ ଦେଖାଇ ଆମଠାରୁ ଦୁଇ ଲକ୍ଷେ ଟଙ୍କା ନେବା ପାଇଁ ଆସିଥିଲା। ହେଲେ ସେ ଉପରକୁ ଆସିବା ଆଗରୁ ମୁଁ ତାକୁ ଚିହ୍ନି ଗ୍ରୀଲରେ ତାଲା ଦେଇ ଦେଇଥିଲି। ସେ ସେଇ ଗ୍ରୀଲ ବାଟେ ଛୁରୀ ଦେଖାଇ ଭୟଭୀତ କରେଇବାକୁ ଚେଷ୍ଟା କରୁଥିଲା। ଧମକ ଦେଇ ଯାଇଛି ପୁଣି ଥରେ ଆସିବ ବୋଲି।ଆମ ପୁଅକୁ ଖୋଜୁଥିଲା। ମୁଁ ପୋଲିସକୁ ଫୋନ୍ କରିବାରୁ ପଳେଇଗଲା.. !!‘

ବିଶ୍ୱାଳ ବାବୁ କଥା ବନ୍ଦ କଲା ବେଳକୁ ତାଙ୍କ ମିସେସ୍ ସାନ ଭଉଣୀକୁ ଫୋନ୍ କରି ସବୁକଥା କହିବା ଆରମ୍ଭ କଲେ ଏବଂ ଘର ଭିତରକୁ ଚାଲିଗଲେ। ବୋଧହୁଏ ସାନ ଭଉଣୀ କୁ ତା' ସ୍ୱାମୀର କର୍ତ୍ତୁତ୍ୱ ବିଷୟରେ ଜଣାଉଥିଲେ।

ବିଶ୍ୱାଳ ବାବୁଙ୍କ ସଢୁ ଅର୍ଥାତ୍ ତପନ ବାବୁଙ୍କ ସହିତ ଆଗରୁ କେତେଥର ଭେଟ ହୋଇଛି ଏଇଠି। ଖୁବ୍ ମିଷ୍ଟଭାଷୀ।ହସ ହସ ମୁହଁ। ପ୍ରଥମ ଥର ଦେଖା ରୁ ହିଁ ଆତ୍ମୀୟତାର ଅନୁଭବ!

ତପନ ବାବୁ ବାଙ୍ଗାଲୋରରେ ରହନ୍ତି। ଆପାର୍ଟମେଣ୍ଟରେ ରଙ୍ଗ ଦେବାର କଣ୍ଟ୍ରାକ୍ଟ ଧରନ୍ତି। ଅନେକ ବିଲଡରଙ୍କ ସହିତ ତାଙ୍କର ଚିହ୍ନା ପରିଚୟ। ଓଡ଼ିଶାରୁ ଶ୍ରମିକମାନଙ୍କୁ ନେଇ ସେଠି କାମରେ ଲଗାନ୍ତି। ତେଣୁ ସେଇ ସବୁ ଲୋକମାନଙ୍କର ତପନ ବାବୁ ଖୁବ୍ ପ୍ରିୟ। ତାଙ୍କ ପାଖରେ କାମ କରିବା ପାଇଁ ସମସ୍ତେ ବ୍ୟାକୁଳ। ଯିଏ କେଉଁ କାମରେ ସୁଯୋଗ ନପାଏ ସେ ମନଉଣା କରେ। ତପନ ବାବୁ କିନ୍ତୁ ମନେଇ ନିଅନ୍ତି ତାକୁ ପରବର୍ତ୍ତୀ କାମରେ ସୁଯୋଗ ଦେଇ।

ଖାଲି ରଙ୍ଗ କାମ ନୁହେଁ।କନଷ୍ଟ୍ରକସନ କାମରେ ବି ତାଙ୍କର ସହଯୋଗ ଲୋଡ଼ନ୍ତି କିଛି ବିଲଡର। କେଉଁଠୁ ସିମେଣ୍ଟ ଆସିବ, କେଉଁଠୁ ରଡ଼ ଆସିବ, ଆଉ ଯାହା ଯାହା ଦରକାର ସବୁକିଛି ସହଜ ସମାଧାନର ସୁତ୍ର ଦେଖାଇ ଦିଅନ୍ତି ତପନ ବାବୁ। ଏମିତି କି କେତେଜଣ ନେତା ମଧ୍ୟ ତାଙ୍କୁ ହିଁ ଖୋଜନ୍ତି ସେମାନଙ୍କ ପ୍ରିୟ ପରିଜନ ଅଥବା ନିଜ କାମରେ।

ଏମିତି ଭାବରେ ତପନ ବାବୁ ନିଜେ ନିଜକୁ ପେଶ୍ କରିଥଲେ ମୋ ଆଗରେ। ତାଙ୍କ ବିଷୟରେ ମୋଟାମୋଟି ସମ୍ୟକ ଜ୍ଞାନ ହୋଇ ଯାଇଥିଲା ମୋର, ତାଙ୍କ ମୁହଁରୁ ନିଜ କଥା ଶୁଣି।

ବିଶ୍ୱାଳ ବାବୁଙ୍କ ପୁଅ ବାହାଘର ଅବ୍ୟବହିତ ପୂର୍ବରୁ ତପନ ବାବୁଙ୍କ ପ୍ରେରିତ ରଙ୍ଗ ମିସ୍ତ୍ରୀ,ରଙ୍ଗ ଏବଂ ଅନ୍ୟାନ୍ୟ ଉପକରଣ ମାନ ଧରି ପହଞ୍ଚିଥିଲେ କିଛି ଲୋକ। କେଇଦିନ ଧରି ଘରର ଭିତର,ବାହାର ରଙ୍ଗ ଦେବା କାମ ଚାଲିଲା। ମଝିରେ ମଝିରେ ସେଇ ଲୋକ ମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣ ଗାଁ ରେ କାମ ଅଛି ବୋଲି କହି ଚାଲି ଯାଆନ୍ତି ତ ବାକି ଲୋକ ବିଶ୍ୱାଳ ବାବୁଙ୍କ ଘରେ ଖାଇପିଇ ବିଶ୍ରାମ ନିଅନ୍ତି। ବିଶ୍ୱାଳ ବାବୁଙ୍କ ଅଶାନ୍ତି ସେଇ ସମୟରେ ପ୍ରତିଫଳିତ ହୋଇଥିଲା ତାଙ୍କ ବଡପାଟିରେ ଯାହା ଆମ ପାଖରେ ପହଞ୍ଚିଯାଇଥିଲା ଅନାୟସରେ।

କେଇଦିନ ଛାଡି ପହଞ୍ଚିଗଲେ ତପନ ବାବୁ। ମୋ ସହିତ ବି ଦେଖହେଲା। ମୁହଁରେ ସେଇ ଚିର ପରିଚିତ ହସ।

-‘ ମୁଁ ଟିକିଏ ଗୁଜରାଟ ପଳେଇଥିଲି ତ, ଆସି ପାରିନଥିଲି। କଥା କ'ଣ କି, କର୍ଣ୍ଣାଟକର ଜଣେ ମନ୍ତ୍ରୀ ଗୁଜରାଟର ତାଙ୍କରି ଦଳର ମନ୍ତ୍ରୀଙ୍କୁ ମୋ ବିଷୟରେ କହିଦେଇଥିଲେ। ତାଙ୍କରି ଡକରା ପାଇ ମୁଁ ସେଠିକି ଯାଇଥିଲି। ସେଠାକାର ଗୋଟିଏ ନୂଆ ଷ୍ଟାଡିୟମରେ ରଙ୍ଗ ଦେବା କାମ ସେ ମୋ ଦ୍ୱାରା କରେଇବେ ବୋଲି କହିଲେ ତ କ'ଣ ଆଉ କରିଥାନ୍ତି? ସେଠିକି ଯାଇ ସବୁ ଠିକ୍ କରି ଦେଇଆସିଛି।ଏଠି ଭାଇ ଅଶାନ୍ତି ହେଲେ ତ ଆସିଛି। କାଲି ପୁଣି ଏଠୁ ଫ୍ଲାଇଟରେ ସିଧା ଅହମଦାବାଦ ଯିବି।‘ ଏକା ନିଃଶ୍ୱାସକେ ଏତକ କହି କ୍ଷଣେ ଚୁପ୍ ରହିଲେ ତପନ ବାବୁ।

ମୋର ନଜର ପଡିଲା ବାଲକୋନୀରେ ଠିଆ ହୋଇ ବିଶ୍ୱାଳ ବାବୁ କେମିତି ଏକ ତୀର୍ଯ୍ୟକ ଦୃଷ୍ଟିରେ ଚାହିଁଛନ୍ତି ତାଙ୍କ ସଢୁଙ୍କୁ।

ପୁଣିଥରେ ତପନବାବୁଙ୍କ ସହ ମୋର ଦେଖାହେଲା ବିଶ୍ୱାଳ ବାବୁଙ୍କ ପୁଅର ନିର୍ବନ୍ଧ ଦିନ। ବୋଲେରୋ ଗାଡ଼ିରେ ଆମେ ଦୁହେଁ ବସିଥିଲୁ ପଛସିଟରେ। ସେ ସେଥର ତାଙ୍କ ଦୁଇ ପିଲା ଅର୍ଥାତ୍ ଦୁଇ ଝିଅଙ୍କ ବିଷୟରେ ଗପିଲେ।

-‘ ବଡ଼ ଝିଅ ଜୁଲୋଜି ରେ ବାଣୀବିହାରରୁ ପିଜି ସାରି ଏବେ ପି ଏଚ୍ ଡି ପାଇଁ ଲାଗିଛି ଆଉ ସାନ ଝିଅ ରେଭେନ୍ସାରୁ ପଲିଟିକାଲ ସାଇନ୍ସ ରେ ଗ୍ରାଜୁଏସନ୍ ସାରି ପଣ୍ଡିଚେରୀ ରେ ପିଜି କରୁଛି। ତାପରେ ସେ ଦିଲ୍ଲୀରେ ରହି ଆଇ ଏ ଏସ ପାଇଁ ପ୍ରସ୍ତୁତ ହେବ ବୋଲି କହୁଛି। ଯାହା ମୋର ରୋଜଗାର ଦୁହିଁଙ୍କ ପଛରେ ଖର୍ଚ୍ଚ ହୋଇ ଯାଉଛି। ଇତ୍ୟାଦି.. !‘

ଏସବୁ କଥା କହିଲା ବେଳେ ସେ ଯେ ଜଣେ ଦାୟିତ୍ୱବାନ ବାପା ମୋର ହୃଦୟଙ୍ଗମ ହେଲା। ତାଙ୍କ କଥା ଶୁଣିଲା ବେଳେ ମୁଁ ଯେମିତି ସମ୍ମହିତ ହୋଇ ଯାଇଥିଲି।ନିଜର ଏତେ ବ୍ୟସ୍ତତା ଭିତରେ ଝିଅ ଦୁହିଁଙ୍କର ତତ୍ତ୍ୱାବଧାନ ନେବା କ'ଣ କମ୍ କାଠିକର ପାଠ କି ? ସେପଟରେ ଗାଆଁରେ ତାଙ୍କର ନୂଆଘର ତିଆରି କାମରେ ଠିକ୍ ଭାବରେ ସମୟ ଦେଇ ପାରୁନାହାନ୍ତି ବୋଲି ଖୁବ୍ ମନସ୍ତାପ କଲେ ଏବଂ ଏସବୁ ବିଷୟରେ ଆବଶ୍ୟକୀୟ ପରାମର୍ଶ ଏବଂ ସହଯୋଗ ଦେଇ ଚାଲିଛନ୍ତି ବୋଲି ମୁରୁକି ହସି କହିଲେ।

ତାଙ୍କୁ ଟିକିଏ ପ୍ରଶଂସା କରିବାକୁ ଚାହିଁଲେ ବି ଉପଯୁକ୍ତ ସମୟ ପାଇନଥିଲି। ପ୍ରକୃତରେ ତାଙ୍କ କଥା ହିଁ ଛିଡୁନଥିଲା। ଆମେ ପହଞ୍ଚି ଯାଇଥିଲୁ ନିର୍ବନ୍ଧ ହେବାକୁ ଥିବା ଠିକଣାରେ। ଫେରିବା ବେଳକୁ ମୋ ସହିତ ସେଇ ଗାଡିରେ ନଥିଲେ ତପନ ବାବୁ।

ଆମର ଯେଉଁଠି ପରବର୍ତ୍ତୀ ସାକ୍ଷାତ ହେବାର ସମ୍ଭାବନା ଥିଲା ସେଇଟା ହେଉଛି ବିଶ୍ୱାଳ ବାବୁଙ୍କ ପୁଅର ବାହାଘର ଅବସର। ହେଲେ ବାହାଘରେ ସେ କାହିଁକି ଅନୁପସ୍ଥିତ ରହିଲେ ସେଇଟା ମୋ ପାଇଁ ଗୋଟିଏ ବିରାଟ ପ୍ରଶ୍ନବାଚୀ ହୋଇ ଏପର୍ଯ୍ୟନ୍ତ ଥିଲା।

ଏହା ମଧ୍ୟରେ କଟିଯାଇଛି ପ୍ରାୟ ସାତ ଆଠ ମାସ।
ଏବେ ଯେଉଁ ଘଟଣା ଦେଖିଲି ସେଇଟା ମୋ ଚିନ୍ତାଧାରାର ସଂପୂର୍ଣ୍ଣ ବିପରୀତ ଧର୍ମୀ ଅବସ୍ଥାର ଚିତ୍ର।

ମୋ ମନରେ ଉଙ୍କି ମାରୁଥିବା କେତେ ସବୁ ପ୍ରଶ୍ନବାଚୀକୁ ବିଶ୍ୱାଳ ବାବୁଙ୍କ ଠାରୁ ବୁଝିବି କି ନାହିଁ ଦ୍ୱିଧାରେ ଥିଲି। ହଠାତ୍ ଦିନେ ପୋଲିସର ଆବିର୍ଭାବ ହେଲା ତ ପଡୋଶୀ ହିସାବରେ ମୋତେ ମଧ୍ୟ ଦେଖିଥିବା ଘଟଣାର ଉତ୍ତର ଦେବାକୁ ପଡିଲା।

ବିଶ୍ୱାଳ ବାବୁଙ୍କ ଦ୍ୱାରା ଦିଆଯାଇଥିବା ଏଫ୍ ଆଇ ଆର ର ଅନୁସନ୍ଧାନ ପାଇଁ ପୋଲିସ ଆସିଥିବା କଥା ବିଶ୍ୱାଳ ବାବୁ କହିଲା ବେଳେ ମୋତେ ଗୋଟିଏ ସୁଯୋଗ ମିଳିଗଲା।

-‘ ତପନ ବାବୁଙ୍କ ସହିତ ମନୋମାଳିନ୍ୟ କେବେଠୁ ହେଲାଣି ? ସେ କ'ଣ ପ୍ରତିଶୋଧ ନେବା ପାଇଁ ଏମିତି ଅବସ୍ଥାରେ ଆସିଥିଲେ ସେଦିନ ?‘ ସିଧାସଳଖ ପଚାରିଲି।

-‘ ଝଗଡ଼ା କାହିଁକି ହେବ ? ସେଟା ବଦମାସ୍ ଟା... !‘

-‘ ସେ ଆପଣଙ୍କ ପୁଅ ବାହାଘରରେ ଆସିନଥିଲେ ତ ?‘

ମୋର ଏଇ ପ୍ରଶ୍ନ ବିଶ୍ୱାଳ ବାବୁଙ୍କ ଠାରୁ ଆମୂଳଚୁଳ ବର୍ଣ୍ଣନା ଶୁଣିବାକୁ ସକ୍ଷମ ହେଲା।

‘ ସେଇ ଯେଉଁ ନିର୍ବନ୍ଧକୁ ସେ ଯାଇଥିଲା ମଦଖାଇ ସେଇଠି ହିଁ ବେହୋସ୍ ଅବସ୍ଥାରେ ଥିଲା। ବହୁତ କଷ୍ଟରେ ଆମେ ତାକୁ ସେଦିନ ସେଇଠୁ ଆଣିଲୁ। ଏମିତି ଭାଷାରେ ସେ ସେଇଠି ଗାଳି ଗୁଲଜ କଲା ଯେ କାନ ଶୁଣିବନି। ଲାଜରେ ଆମ ମୁଣ୍ଡ ତଳକୁ ହୋଇଗଲା ସେଇଠି। ଖାସ୍ ତା'ରି ପାଇଁ ବାହାଘର ଭାଙ୍ଗି ଯାଇଥାନ୍ତା। ସେଇଥିପାଇଁ ତାକୁ ବାହାଘରକୁ ଆସିବା ପାଇଁ ମନା କରା ହୋଇଥିଲା।

ସେଇ ମଦ ହିଁ ତାକୁ ବରବାଦ କରି ସାରିଛି। ତାକୁ ଆଉ କିଛି କାମ ମିଳୁନି।ମଦ ପିଇବାକୁ ପ୍ରବଳ ଧାର ଉଧାର ବି କରିଛି । ସେଇ ଉଧାରକୁ ଶୁଝିବା ପାଇଁ କେବେଠୁ ଦୁଇ ଲକ୍ଷ ଟଙ୍କା ମାଗୁଥିଲା। ତାକୁ ଦେଇଥାନ୍ତି କେମିତି ? ତା'ର ତ ମଦ ପିଇବା ଛାଡ଼ିବାକୁ ନାହିଁ। ଟଙ୍କା ଦେଲେ ସେ ପୁଣି ମଦ ପିଇବାରେ ଖର୍ଚ୍ଚ କରିଥାନ୍ତା। କେଇଟା ଲୋକଙ୍କୁ ସେ ମଦ ଦେଇ ପୋଷିଛି। ଆଜି ସେ ଟଙ୍କା ଯୋଗାଡ଼ରେ ଏମିତି ଅବସ୍ଥାରେ ଆସିଥିଲା।

ତାକୁ ମଝିରେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରା ହୋଇଥିଲା। ତିନି ଚାରି ମାସ ରହିଲା।ତା ପଛରେ ଗୁଡ଼ାଏ ଖର୍ଚ୍ଚ। ସତକଥା ହେଲା ପୁଅ ବାହାଘର ବେଳକୁ ସେ ସେଇଠି ଥିଲା। ହେଲେ ସେଇଠୁ ବାହାରିଲା ତ ପୁଣି ସେଇ ସବୁ ସାଙ୍ଗ, ପୁଣି ମଦ.. !ଏଇ କେଇଦିନ ଆଗରୁ ବଡଝିଅ କିଣିଥିବା ସ୍କୁଟିକୁ ଜୋର ଜବରଦସ୍ତ ନେଇ ଆସି କେଉଁଠି ବିକ୍ରି କରି ଦେଇଛି।

ସେଇ ଝିଅ ବହୁତ କଳାଣି ବାପା ପାଇଁ। ବଡ଼ ବଡ଼ ଅନୁଷ୍ଠାନ ରେ ପଢାଇ ସେ ଝିଅ ମାସକୁ ପଚାଶ ହଜାରରୁ ବେଶୀ ଟଙ୍କା ରୋଜଗାର କରୁଛି। ହେଲେ ଏ ଚଣ୍ଡାଳ ତା ପଇସାକୁ ସବୁ ବର୍ବାଦ କରୁଛି। ସ୍ତ୍ରୀ ବେକରୁ ଚେନ,ଘରୁ ଟିଭି, କଂସାବାସନ ଆଦି ଗୋଟିଏ ପରେ ଗୋଟିଏ ବିକ୍ରି କରି ସାରିଲାଣି।ତା ଭୟରେ ଏବେ ମା ଆଉ ଦୁଇ ଝିଅ ଲୁଚିକରି ଘରଭଡ଼ା ନେଇ ରହୁଛନ୍ତି।

ବଡ଼ଝିଅ ନେଇ ହିଁ ବାପାକୁ ନିଶା ନିବାରଣ କେନ୍ଦ୍ରରେ ରଖିଥିଲା। ଆଉ ସେଇ ଝିଅର ବାହାଘର ପାଇଁ ସଞ୍ଚିତ ଟଙ୍କା ଆଉ ସୁନା ଗହଣା ସବୁକୁ ବି କେବେଠୁ ବିକ୍ରି କରି ସାରିଛି ଏଇ ବାପ।‘

ତପନ ବାବୁଙ୍କ ବିଷୟରେ ଏମିତି ଏକ ଲମ୍ବା ଚଉଡା ଗୁଣଗାନ ଶୁଣି ମୁଁ ହତବମ୍ଭ ହୋଇଗଲି। ଗୋଟିଏ ମହାକାଳ ଫଳକୁ ମୁଁ ବିଶ୍ଳେଷଣ କରୁଥିଲି। ଏମିତି କେମିତି ସମ୍ଭବ... ? ବାହାରକୁ ଦିଶୁଥିବା ଗୋଟିଏ ସତପୁରୁଷର ନିର୍ମ ?କ ଭିତରେ କେମିତି ଏତେ ସହଜରେ ଦୁଶ୍ଚରିତ୍ର ସଇତାନ ଟିଏ ଲୁଚି ରହିପାରେ!

ଅନ୍ୟ ପକ୍ଷରେ ଝିଅଟିଏ ପରିବାର ଭରଣ ପୋଷଣ ପାଇଁ ଅବିବାହିତ ରହିବାକୁ ଦୃଢ଼ପରିକର ହେବା କଥା ଶୁଣି ମୁଁ ଆହୁରି ଚକିତ ହେଲି।

ଏବେ ସେଇ ଝିଅଟିର ମୁହଁ ସାମ୍ନାକୁ ଆସିଲା। ବାହାଘର ସାହିକୁ ଆସିଥିବା ବେଳେ ଦେଖିଥିଲି। ଭିତରେ ଏତେ ଦୁଃଖକୁ ଲୁଚେଇ କେମିତି ମୁହଁରେ ହସ ଫୁଟାଇ କାମ କରୁଥିଲା ସେ ଭଗବାନ ତା ପାଇଁ ଯେଉଁ ଗୁଣର ନିର୍ମକ ତଥାସ୍ତୁ ରୂପରେ ଦେଇଛନ୍ତି,ସେଇଟିକୁ ସଚରାଚର ମଣିଷକୁ ପିନ୍ଧେଇ ଦିଅନ୍ତେ ନାହିଁ.. !!!

*କୁଞ୍ଜବିହାରୀ ଲେନ, କଟକ*

## ପରିବାର

*ରତ୍ନକାନ୍ତି ମିଶ୍ର*



ଯେଉଁଠି ନବଜାତକର କୁଆଁ
ଅନୁରଣିତ ହୁଏ ହୃଦୟରେ
ଅନୁରାଗ ଉଚ୍ଛୁଳେ
ଖୁସି ଲହଡ଼ି ମାରେ
ହସ ଢେଉ ଭାଙ୍ଗେ
ଆପଣାପଣର ରଜ୍ଜୁରେ
ବନ୍ଧା ପ୍ରତି ପ୍ରାଣ
ସେଇ ତ ପରିବାର

ଶାଶ୍ୱତ ଶୈଶବ
ଅବୋଧ ବାଲ୍ୟପଣ
ଅଝଟ କୈଶୋର
ଜଞ୍ଜାଳମୟ ସଂସାର
ଅବା ନିରୁତା ବାର୍ଦ୍ଧକ୍ୟରେ
ଜୀବନ ଜୀଇଁବାର ନାଟ୍ୟ ମଣ୍ଡପ
ଖୁସି ସୌହାର୍ଦ୍ଦ୍ୟର ପାରାବାର
ଆମ ପରିବାର

ବଞ୍ଚିବାର କଳା
ଜୀବନ ଭୋଗିବାର କୌଶଳ
ସମାଜର ଇତିବୃତ୍ତି
ସାମାଜିକ ଚଳଣି ସଂସ୍କାର
ଶିକ୍ଷାର ପୃଷ୍ଠଭୂମି
ଭରସା ଆଉ ପ୍ରତ୍ୟୟପଣର
ଆଭିଜାତ୍ୟରେ ସମୃଦ୍ଧ
ଚଳଚଞ୍ଚଳ ମନ୍ଦିରଟିଏ
ଆମ ପରିବାର

ସ୍ନେହ ମମତା ସଦିଚ୍ଛା
ବିଶ୍ୱସ୍ତପଣର କୋଷଘର
ସର୍ବପ୍ରାଚୀନ ଅନୁଷ୍ଠାନଟିଏ
ଗଢେ ସମାଜ,ଗ୍ରାମ,ଦେଶ
ସେ ଏକ ସର୍ବୋତ୍କୃଷ୍ଟ ନିଦର୍ଶନ
ଶାନ୍ତି ,ଐକ୍ୟ ,ସହାବସ୍ଥାନର
ଆମ ପରିବାର ...!!!

*ଆଳି, କେନ୍ଦ୍ରାପଡା*

## କାହିଁ ତୁମେ ତାଙ୍କୁ ତୁଚ୍ଛ ମଣୁଛ

*ସୁନୀଲ କୁମାର ପ୍ରଧାନ*



କାହିଁ ତୁମେ ତାଙ୍କୁ ତୁଚ୍ଛ ମଣୁଛ
ହୋଇପାରେ ସେ ଗରିବ
ପେଟ ପାଇଁ କେତେ ଘର ଘର ବୁଲେ
ରହିଯାଏ ସେ ନୀରବ ।
ନିର୍ଯାତନା ପାଏ ମାଡ଼ ଖାଉଥାଏ
ପରିବାର ତା ବଞ୍ଚିବ
ତୁଣ ଓ ଲୁଣର ସଂସାର ଏଇତ
କି ଦୁଃଖ ଦିଏ ଦଇବ ।
ପୁଅ କହୁଥାଏ ଜାମା ମୋର ନାହିଁ
ଝିଅ ବି ସେ କଥା କୁହେ
ରୋଷେଇ ପାଇଁ କି ସ୍ତ୍ରୀ ଚୁଲି ପାଖେ
ଆଖିରୁ ଲୋତକ ବହେ ।
ଏହିତ ସମାଜ ତାର ପରିବେଶ
ଅନେକ ପୀଡ଼ିତା ଅଛି
ଅଭାବୀ ମଣିଷ ବଞ୍ଚିବା ରାହାରେ
ନିଜ ଛୁଆକୁ ବିକୁଛି ।
ସଂସାର ନଉକା ଚାଳିବାର ପାଇଁ
କେତେ କର୍ମ ନିଅ ବାଛି
ସୁଖ ଓ ଦୁଃଖରେ ଭଲରେ ଚଳିବା
ଲୁହ ଦିଅ ସଦା ପୋଛି ।

*ଝାଟିପଦର, ପାଲୁର, ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ନିଃସଙ୍ଗତାର ସ୍ୱର

*ସୁଧାକର ରାଉତ*



ପ୍ରତିଶ୍ରୁତି ଦେଇଥିଲା ସମୟଟା
ଚାଲିବ ବୋଲି ମୋ ସାଥେ
ବେଳ ଉଣ୍ଡି ସିଏ ପ୍ରତାରଣା କଲା
କଳଙ୍କି ବୋଲି ମୋ ମାଥେ ।
ଜୀବନରେ ତୃପ୍ତି ଭରିଲା ତ ନାହିଁ
ଚାହିଁଲା ବି ନାହିଁ ଫେରି
ଅଶାନ୍ତ ବଳୟେ ଘୁରୁଛି ଏବେ ମୁଁ
ସୂର୍ଯ୍ୟାସ୍ତ ବି ନାହିଁ ଡେରି ।
କଷଣର ନିଦାଘ ନୃତ୍ୟ କରୁଛି
ଆଶ୍ୱାସନା ବାରି ଲୋଡ଼ି
ସମୟ ତ ତାଣ୍ଡବ ନୃତ୍ୟେ ମଗନ
କା' କୁ ବା ଧରିବି ଭିଡ଼ି ।
ବ୍ୟଥାତୁର ଜୀବନ କାହାଣୀ ମୋର
ଅଧା ହୋଇଗଲା ରହି
ଦୋଛକିରେ ଏବେ ଛିଡ଼ା ହୋଇଅଛି
ପାଶେ ମୋର ନାହିଁ କେହି ।
ବୃନ୍ତରୁ ଫୁଲଟି ଝଡି ପଡ଼ିବାର
ଏଇ ବୋଧେ ଶ୍ରେଷ୍ଠ ବେଳ
ସେପାଇଁ ସମୟଟା ଦାଉ ସାଜିଣ
ଠେଲିଲା ଛଡ଼ାଇ କୋଳ ।
ଆଶା ନିରାଶାର ଲୁହ ଲହୁଭିଜା
ଜୀବନ ସପନ ଶିଡି
ସମୟ ଭରସା ତୁଟି ଗଲା ପରେ
ପଡ଼ିଅଛି ମୁହଁ ମାଡି ।
ଅଶେଷ ଶୋଷର ଅବଶୋଷ ନାହିଁ
ଶୁଭେ ନିଃସଙ୍ଗତା ସ୍ୱର
ବିପୁଳ ନୀରବତା ମଧ୍ୟେ ଆୟୁଷ
ଖୋଜଇ ମରଣ ଦ୍ୱାର ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଆମ ସମ୍ବିଧାନ

*ରାମଚନ୍ଦ୍ର ବେହେରା*

ଚାରି ସ୍ତମ୍ଭ ଗଢା ଆମ ସମ୍ବିଧାନ
ଶ୍ରେଷ୍ଠର ଦରଜା ପାଏ
ବିଧାୟିକା ପୁଣି କାର୍ଯ୍ୟପାଳିକାର
ଶୃଂଖଳା ନୀତିକୁ କୁହେ
ଆଇନକୁ ବକ୍ଷେ ଧରି
ନ୍ୟାୟପାଳିକା ଓ ସଂଚାର ମାଧ୍ୟମ
ଚାଲେ ନ୍ୟାୟ ଅନୁସରି।
ଗଣତନ୍ତ୍ର ରାଷ୍ଟ୍ର ମାନ ମହତକୁ
ଅକ୍ଷୁର୍ଣ୍ଣ ରଖିବା ପାଇଁ
ନୀତି ନିୟମର ହେଲା ପ୍ରଣୟନ
ସମ୍ବିଧାନ ରୂପ ନେଇ
ସେ ନୀତି ଦେଶେ ଆଦୃତ
ଧର୍ମ ନିରିପେକ୍ଷ ରାଷ୍ଟ୍ର ବୋଲି ସିଏ
ସମଗ୍ର ବିଶ୍ୱେ ବନ୍ଦିତ।
ପୂଜ୍ୟ ଭୀମରାଓ ଆମ୍ବେଦକରଂକ
ବଳିଷ୍ଠ ଆଇନ ଝର
ସମ୍ବିଧାନ ରୂପେ ପାଇଲା ସମ୍ମାନ
ସର୍ବେ କଲେ ଆପଣାର
ସେଦିନ ହେଲା ଅମର
ସାର୍ବଭୌମତାର ପତାକା ଉଡାଇ
ସର୍ବେ ହେଲେ ଏକାକାର।
ଜାତୀୟ ସଂହତି ଦେଶ ଅଖଣ୍ଡତା
ବଜାୟ ରଖିବା ପାଇଁ
ଜାତି ଧର୍ମ ଭୁଲି ନୀତି ନିୟମକୁ
ପାଳନ୍ତି ଭଉଣୀ ଭାଇ
ମନାନ୍ତି ସ୍ୱରାଜ ପର୍ବ
ଦେଶ ହିତ ପାଇଁ ସଂକଳ୍ପ ନିଅନ୍ତି
ମନରେ ନରଖି ଗର୍ବ।
ସତ୍ୟକୁ ଆଦରି ଆମ ସମ୍ବିଧାନ
ନ୍ୟାୟକୁ ସମ୍ମାନ ଦିଏ
ପ୍ରତିବର୍ଷ ଆସେ ସ୍ୱରାଜ ଦିବସ
ସଭିଂକ ପରାଣ ଛୁଏଁ
ମନେ ପଡେ ତା'ର ଦାନ
ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ
ଦିଏ ସେ ସଦା ଆହ୍ୱାନ।

*ତେନ୍ତୁଳିପଦା,ଜଗତସିଂହପୁର*

## ଫଗୁଣ ରଙ୍ଗ

*ଆଦ୍ୟାଶା ମହାପାତ୍ର*



ବସନ୍ତ ଆଗମେ ନାନା ଜାତି ପୁଷ୍ପ
ପ୍ରକୃତିକୁ କରେ ସୌନ୍ଦର୍ଯ୍ୟମୟୀ
ସେ ରଙ୍ଗ ଛିଟାରେ ପ୍ରାଣ ତନ୍ତ୍ରୀ ସତେ
ମହା ଆନନ୍ଦରେ ଝୁମି ଉଠଇ ॥

ଜୁଇ ଜାଇ ମଲ୍ଲୀ ରଜନୀଗନ୍ଧା ରୁ
ଭାସି ଆସେ ପରା ମିଠା ମହକ
ନୀଳ ଗଗନରେ ଜୋଛନା ରାତିରେ
ହୃଦୟ କନ୍ଦରେ ଖେଳେ ପୁଲକ ॥

ସହକାର କୁଞ୍ଜ ବଉଳ ବାସରେ
ଦିଗ ଚଉଦିଗ ହୁଏ ମୋହିତ
କୋଇଲି କୁହୁରେ ମଳୟ ଛୁଆଁରେ
ପୁଲକିତ ହୁଏ ସାରା ଜଗତ ॥

ମାଟିରୁ ଆକାଶ ଫଗୁଣର ଛିଟା
ସତେକି ସୁନ୍ଦର ମନ ମୋହିନୀ
କୃଷ୍ଣଚୂଡ଼ା ଜବା ପଳାଶ କୁସୁମେ
ଉଲ୍ଲସିତ ଦିଶେ ପ୍ରକୃତି ରାଣୀ ॥

ସାତ ସୁରେ ଶୁଭେ ଭ୍ରମର ର ଗାନ
ମଧୁ ମକ୍ଷିକାର ପଞ୍ଚମ ତାନ
ଜୋଛନା ପଖଳା ସ୍ନିଗ୍ଧ କିରଣରେ
ଶୁଭେ ବୁକୁ ତଳେ ମୃଦୁ ଗୁଞ୍ଜନ ॥

ପୃଥିବୀ ଦିଶଇ ସବୁଜିମା ଘେରା
ହସଇ ଫୁଲର ଅବିର ଧରି
ସତେ କି ଅନୁଢା ବୟସୀ ତନୁଶ୍ରୀ
ପ୍ରୀତି ଅନୁରାଗେ ଉଠେ ଶିହରି॥

ନବ ପଲ୍ଲବରେ ଭରା ବୃକ୍ଷ ଲତା
ସବୁଠି ଲାଗିଛି ଫଗୁଣ ରଙ୍ଗ
ସେଇ ରଙ୍ଗ ଦୃଶ୍ୟ ମନ ଉପବନେ
ପିଆସୀ ପ୍ରାଣରେ ଖେଳେ ତରଙ୍ଗ ॥

*ନୂଆପଡା, କଟକ*

## ବୋହୁଛି ସଂସାର ବୋଝ

*ନିରଞ୍ଜନ ସାହୁ*



ସଂସାରର ବୋଝ ବୋହିବା ଦାଇତ୍ୱ
ଯେତିକି ଯେତିକି ପଡିଲା
ବୟସର ଚକ ଆଗକୁ ଆଗକୁ
ସେତିକି ସେତିକି ଗଡିଲା ।
ଦାଇତ୍ୱରୁ ମୁକ୍ତ ହୋଇବା ପାଇଁକି
ଯେତିକି କଳ୍ପନା କରିଲି
ସମୟ ଆଣିକି ଜଞ୍ଜାଳ ଭରିଲା
ବଞ୍ଚି ଥାଉଥାଉ ମରିଲି
ଭାଗ୍ୟ ସହିତରେ ଧୀରେଧୀରେ ଏହି
ମନଟା ନିହାତି ଜଡ଼ିଲା ।
ବିବେକ କହିଲା କରିବାକୁ ହେବ
ଅବଶିଷ୍ଟ ସବୁ କରମ
ସେହି କରମର ଭିତରେ ଲୁଚିଛି
ତୋର ଜୀବନର ଧରମ
ମନ ବିବେକର ଲଢେଇ ଭିତରେ
ହୃଦୟ ବିକଳେ ରଡିଲା ।
ଜୀବନର ସ୍ୱାଦ ଯା ' ପାଇଁ ଯେପରି
ସେହିପରି ସ୍ୱାଦ ଚାଖିବ
ସେହି ସ୍ୱାଦ ରୁଚୁ ଅଥବା ନ ରୁଚୁ
ମନଟା ତହିଁରେ ଲାଖିବ
କିଛି କରିବାର ଉପାୟ ବି ନାହିଁ
ମଥା କେଶ ଧୀରେ ଝଡିଲା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*

## ପରୀକ୍ଷା ଋତୁରେ

*ଉମେଶ ଚନ୍ଦ୍ର ପାତ୍ର (ଥକାମନ)*



ବନ୍ଧୁ କହୁଥିଲେ
ଝିଅ ପାଇଁ ଭଲ ପ୍ରସ୍ତାବ ଜୁଟିଛି
ଫଗୁଣ ମାସରେ ଲଗନ ଫିଟିଛି
ଭାବୀ ସମୁଦୁଣୀ ଜିଦି କରୁଛନ୍ତି
ଆମ ପ୍ରତିଶ୍ରୁତି ଆଶା କରୁଛନ୍ତି
ହେଲେ, ପୁଅର ପରୀକ୍ଷା ଦ୍ୱାଦଶ
ତା'ର ଜୀବନ ହିସାବ ନିକାଶ
ବାହାଘର ଆସନ୍ତା ଲଗ୍ନକୁ ରଖିଥା
କ୍ୟାରିୟର କଥା ଭାବି ମୁଣ୍ଡବ୍ୟଥା
ସମୁଦିଙ୍କୁ କହେ ବୁଝିବ
ନିଜର କରିକି ଭାବିବ
ଆଉ ଏକ ତିଥି ବୈଶାଖରେ
ବାହାଘର ହେବ ଜାକଜମକରେ
ଘେନା କରିବ ହେ ନିସ୍ତାର ଦେବ ହେ
ଏ ଘୋର ପରୀକ୍ଷା ଋତୁରେ ।

ସହରିଆ ବନ୍ଧୁ କୁହନ୍ତି
ଗାଁରୁ ଆସିଛି ଖବର
ଏଥର ଜମୁଛି ଜାଗର
ଭାଇ ବନ୍ଧୁ ଯେତେ ସଖା ସହୋଦର
ଚାହିଁ ବସିଛନ୍ତି ଆମ ପରିବାର
ଗାଁରେ ହରଙ୍କ ଲୀଳା
ଏଠି ପରା ପରୀକ୍ଷା ମେଳା
କେମିତି ଛାଡ଼ିକି ଯିବି ମୁଁ ଛୁଆଙ୍କୁ
କର୍ମ ଜଞ୍ଜାଳରେ ତର ନାହିଁ ଏ ଭକ୍ତକୁ
ବିଶ୍ୱର କଲ୍ୟାଣ ପ୍ରଭୁ କରୁଥିବ
ମୋ ଦେଶର ଶିକ୍ଷାର୍ଥୀଙ୍କୁ ଅଭୟ ଦେବ
ତୁମ ମହାଦୀପ ପ୍ରଭାରେ
ଛାତ୍ରଛାତ୍ରୀ ପ୍ରାଣେ ଜ୍ଞାନ ଜ୍ୟୋତି ଜଳୁ
ଭକତ ଡାକୁଛି ଆତୁରେ
ଏ ଘୋର ପରୀକ୍ଷା ଋତୁରେ ।

ଦୋଳ ପରବଟା ଆଗରେ
ନାମଯଜ୍ଞ ବି ତା ସାଥୀରେ
ଗାଁରେ ମେଳଣ ଲାଗିବ
ଭଜନ କୀର୍ତ୍ତନ ସଙ୍ଗେ
ଗୋପାଳ ପୁଅର ବାଡ଼ି ଖେଳରେ
ଗାଁ ଦାଣ୍ଡ କମ୍ପି ଉଠିବ
ରସରାଜ ସଙ୍ଗେ ରାସେଶ୍ୱରୀ
ଦୋଳ ବିମାନରେ ବିଜେ କରି
ଝୁଲି ଝୁଲି ଆଉ ବୁଲି ବୁଲି
ଘରେ ଘରେ ଭୋଗ ଖାଇବେ
ଫଗୁ ପୂନେଇଁରେ ଫଗୁ ଖେଳି ଖେଳି
ଭକତଙ୍କ ମନ ମୋହିବେ
ପରୀକ୍ଷାର୍ଥୀର କି ପୂର୍ଣ୍ଣିମା ହୋଲି
ମେଲଣ ପଡ଼ିଆ ଯିବନି ବୁଲି
ବହିଖାତାରୁ ବା ଫୁରୁସତ କାହିଁ
ହେଲି ଖେଳ ପଛେ ନ ହେଲା ନାହିଁ
ପରୀକ୍ଷା ବାରିଧି ପାରି ହେବା ପାଇଁ
ବାନ୍ଧି ଚାଲେ ବନ୍ଧ ସେତୁରେ
ଏ ଘୋର ପରୀକ୍ଷା ଋତୁରେ ।

*ଛତିଆ, ଯାଜପୁର*
*୯୮୫୩୫୮୯୪୩୨*

## ସେ



ସୁଚରିତା ମହାନ୍ତି

ଉହୁଁ 'କେମିତି ନାହିଁ କରିଥାନ୍ତି ଯେ ତାକୁ, ରହିଯା ଆଜି ଦିନକ ପାଇଁ।
ମୁଁ କେବେ ମୋ ମନକଥା ତା' ପାଖରେ ପ୍ରକାଶ କରିପାରିନି ।
କାହିଁକି, କେମିତି, କ'ଣ ପାଇଁ ଏସବୁ କିଛି ଜାଣିନି ହେଲେ କେତେ କଥା ସାଇତି ରଖିଛି, କେବେ ମୁହଁ ଖୋଲି କହିପାରିବିକି ନାହିଁ ଜାଣେନି।
ତାକୁ ଦେଖିବା ମାତ୍ରେ ଦେହରେ ଅପୂର୍ବ ଶିହରଣ ର ଝଡ଼ ଟିଏ ବହିଯାଏ। କାହିଁକି କେଜାଣି ! ବୋଧହୁଏ ତା'ପାଇଁ ମୋ ମନ ଭିତରେ ଗୋଟିଏ ଭଲ ପାଇବାର ଦୁର୍ବଳତା ଉଙ୍କି ମାରୁଛି।
ଆଜି ଭାରି ମନେ ପଡୁଛି ସେ।
ଗାଁ ଦାଣ୍ଡ ବଉଳ ପିଣ୍ଡି ରେ ବସି ଠୋ ଠୋ ହେଇ ହସି ହସି କହୁଥିଲା, ମୁଁ ଦୋଳରେ ଆସିଲେ ଏଥର ସମସ୍ତଙ୍କୁ ସର୍ପ୍ରାଇସ୍ ଦେବି । କ'ଣ ସର୍ପ୍ରାଇସ୍ ସେ ହିଁ ଜାଣେ ।
କେମିତିକା ପିଲାଟା ଯେ, ବୁଝିବା ଭାରି କଷ୍ଟ।
ଏବେ ସେ ଫେରିଯିବାର ସମୟ । ମନଟା ଭାରି ଉଚ୍ଛନ୍ନ ହେଉଚି।
ଏତିକି ତ ପଚାରିଥିଲା ସୁମି ଭଲ ଅଛୁ, କ'ଣ ଆଉ କହିଥାନ୍ତି ହଁ କହି ଘର ଭିତରକୁ ପଶିଗଲି । ଆଉ କିଛି ପଚାରିଥାନ୍ତା କି କ'ଣ !!
ହେଲେ ମୁଁ ଲାଜ ଆଉ ଭୟରେ ସବୁବେଳେ ଦୂରେଇ ଦୂରେଇ ରହେ । ସମୟ ଯେତେ ଯେତେ ଗଡ଼ି ଯାଉଚି ମନ ସେତେ ସେତେ ଉଚାଟ ହେଉଚି।
ମନ କି ହୃଦୟ କିଛି ବି ବୋଲ ମାନୁନି।ଛାତ ଉପରକୁ ଧାଇଁ ଯାଇ ଦେଖିଲି ନୀଳ ଆକାଶ ରେ ନୀଳ ଉର୍ମିମାଳା ଆଉ ତା'ରି ଭିତରେ ନୀଳ ଜନ୍ହଟା ନିରବରେ ଲୁଚକାଳି ଖେଳି ମୁଠା ମୁଠା ଜ୍ୟୋସ୍ନା ରେ ଭିଜେଇ ଚାଲିଚି ଯେତେକ ବିରହ ମୁହୂର୍ତ୍ତ ମାନଙ୍କୁ।
ଓଃ ' କି ସୁନ୍ଦର ଏ ଦୃଶ୍ୟ ।
ଭାବିଲି ଏବେ ନୀଳ କଇଁ କ'ଣ ଭାବୁଥିବ!
ବିରହ ଜ୍ୱାଳା ବୋଧହୁଏ କମି କମି ଆସୁଥିଲା।
ଝଲକାଏ ଶୀତଳ ପବନ ବାଜି ଆଖି ଟା ମୋଦି ହୋଇ ଆସୁଥିଲା।
ମୋ ଆଗରେ ଠିଆ ହୋଇଥିଲା ସେ। କାନ୍ଧରେ ହାତ ପକେଇ କହିଲା, କ'ଣ ଭାବୁଚୁ।
ରାତି ଟ୍ରେନ ରେ ମୁଁ ଫେରିଯାଉଚି।ଏଥର ବି କିଛି କହିଲୁନି। ଇତସ୍ତତଃ ହୋଇ ପଚାରିଲି ତୁ ଏଠି ? ହଁ ତୋତେ ସଞ୍ଜ ନଇଁବା ପରେ ଆଉ ଦେଖିବାକୁ ପାଇଲିନି।
ତୋ ଚନ୍ଦ୍ର ଉଦିଆ ମୁହଁ ନ ଦେଖି ମୁଁ କ'ଣ ଯାଇପାରିବି।
ସୁମି ତୁ ଆଜି କାଇଁ ଏତେ ସୁନ୍ଦର ଲାଗୁଚୁ । ତୋତେ ବାରବାର ଦେଖିବାକୁ ଇଚ୍ଛା ହେଉଚି।
କେବେ କିଛି କହିଲୁନି ।
ତୋ ପ୍ରତ୍ୟେକଟି ନିରବତା , ଲାଜୁଆ ଆଖି ର କଥା ,ତୋ ଓଠର ଯେତେ ମୃଦୁ ହସ ମୋ ଜୀବନ ର ପୃଷ୍ଠାକୁ ବସନ୍ତ ର ମିଠା ଅନୁରାଗ ରେ ବାନ୍ଧି ରଖିଚି ।
କିଛି ଦିନ ପରେ ସେ ଫେରିବ କହି ଛାତ ତଳକୁ ଓହ୍ଲେଇ ଗଲା।
ସତରେ ସେ' କିନ୍ତୁ ଆଜି ଭାରି ମନେ ପଡୁଚି !!

*ମାହାଙ୍ଗା*
*କଟକ*
*ମୋ: ୮୯୧୭୫୭୧୨୦୨*




# ତାଲଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅମ୍ବ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟାଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୂଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟଂ ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା। ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେଂାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା। ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛଂି । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ। ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ। ଯାଜପୁର-କେନ୍ଦୁଝର – ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ। ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛଂି । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଲ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।




# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ–ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday March 2 | ଭୁବନେଶ୍ୱର ରବିବାର, ମାର୍ଚ୍ଚ ୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ସମାଜସେବୀଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି




ଭୁବନେଶ୍ୱର,(ପି.ଏନ) ଉତ୍କୃଷ୍ଟ ସେବା ଏବଂ ସମାଜ ପାଇଁ ଅହେତୁକ ଅବଦାନ ପାଇଁ ଆମେରିକାନ ମ୍ୟାନେଜମେଣ୍ଟ ୟୁନିଭରସିଟି ତରଫରୁ ଓଡ଼ିଶା ର ବିଶିଷ୍ଟ ସମାଜସେବୀ ତଥା ଯୁବଜ୍ୟୋତି ଯୁବକ ସଂଘର ପ୍ରତିଷ୍ଠାତା ଶ୍ରୀ ଚ଼ଣ୍ଡେଶ୍ୱର ଜୟସିଂହଙ୍କୁ ସମ୍ମାନ ଜନକ ଡକ୍ଟରେଟ ସମ୍ମାନ ରେ ସମ୍ମାନିତ କରାଯାଇଛି। ଏହି ଅବସର ରେ ଶ୍ରୀ ଜୟସିଂହ କହିଛନ୍ତି ଯେ, ସମାଜ ସେବାକୁ ସେ ନିଜର ବ୍ରତ ଭାବି ୧୯୯୭ ମସିହା ରୁ ସମାଜ ସେବା ଆରମ୍ଭ କରି ସମାଜ ର ଦଳିତ ଅବହେଳିତ, ଅସହାୟ ଏବଂ ଦିବ୍ୟାଙ୍ଗ ମାନଙ୍କ ସେବା କୁ ନିଜର ବ୍ରତ ଭାବି ଆଗେଇ ଚ଼ାଲିବା ସହ ଆଗାମୀ ଦିନରେ ଓଡ଼ିଶା ର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସମାଜ ମଙ୍ଗଳ ରେ ନିୟୋଜିତ ହେବେ। ଏହି ସମ୍ମାନ ପାଇଁ ବିଭିନ୍ନ ମହଲ ରୁ ତାଙ୍କୁ ଶୁଭେ଼ଚ୍ଛା ଏବଂ ଶୁଭକାମନା ମିଳୁଚ଼ି।

## ଗଜପତିରୁ ମହାରାଷ୍ଟ୍ରକୁ କୋଟିଏ ଟଙ୍କାର ଗଞ୍ଜେଇ ଚୋରାଚ଼ାଲାଣ ବେଳେ ଜବତ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲା ଅଡବାରୁ ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାଚ଼ାଲାଣ ହେଉଥିବା ବେଳେ ଜବତ କରାଯାଇଥିବା ସୂଚ଼ନା ମିଳିଛି। ଏହି ଘଟଣାରେ ଜଣକୁ ଗିରଫ କରାଯାଇଥିବାବେଳେ ୨ ଜଣ ମୁଖ୍ୟ ଆସାମୀ ଫେରାର ଥିବା ଜଣାଯାଇଛି. ଏନେଇ ସୁଚ଼ନାପାଇ ଅବକାରୀ ବିଭାଗ ଚ଼ଢ଼ାଉ କରି ୩ କୁଇଣ୍ଟାଲରୁ ଉର୍ଦ୍ଧ (୩୮୪ କେଜି) ଗଞ୍ଜେଇ ଜବତ କରିଛି। ଚୋରାଚ଼ାଲାଣରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନକୁ ମଧ୍ୟ ଜବତ କରାଯାଇଛି । ଭ୍ୟାନରେ ୮ଟି ପ୍ୟାକେଟରେ ଏହି ଗଞ୍ଜାଇ ଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଖବରରୁ ଜଣାପଡିଛି, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ତିନିଦିନ ଧରି ଏହି ଗଞ୍ଜେଇ ଚ଼ାଲାଣ ଉପରେ ନଜର ରଖୁଥିଲେ। ସନ୍ଦେହରେ ଏକ ପିକଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଯାଞ୍ଚ ବେଳେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଡ୍ରାଇଭର କୁରା ଦଣ୍ଡସେନାଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ଅଡବା ନିକଟସ୍ଥ ଗୁରୁଝଲ ଗ୍ରାମରେ।

## ପାରାଦୀପରେ ବିଏମଏସର ଦୁଇଦିନିଆ ୧୧ ତମ ସର୍ବ ଭାରତୀୟ ତ୍ରୟୀବାର୍ଷିକ ସମ୍ମିଳନୀ ଉଦଘାଟିତ




ପାରାଦୀପ,(ପି.ଏନ): ଭାରତୀୟ ପୋର୍ଟ ଏଣ୍ଡ ଡକ ମଜଦୁର ମହାସଂଘ (ବିଏମଏସ) ର ଦୁଇଦିନିଆ ୧୧ ତମ ତ୍ରୟୀବାର୍ଷିକ ସମ୍ମିଳନୀ ପାରାଦୀପ ବନ୍ଦରର ଜୟଦେବ ସଦନ ପରିସରରେ ଶନିବାର ଦିନ ଉଦଘାଟିତ ହୋଇଯାଇଛି କ୍ଷ ଚ଼ଳିତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନ ବ୍ୟାପି ଚ଼ାଲିବାକୁ ଥିବା ଏହି ସମ୍ମିଳନୀ କୁ ବିଏମଏସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ଜୀ ହିମତେ ଉଦଘାଟନ କରିଥିଲେ । ଏହି ଉଦଘାଟନୀ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଏମଏସ ର ରାଷ୍ଟ୍ରୀୟ ସଭାପତି ଶ୍ରୀକାନ୍ତ ରାୟଙ୍କ ଅଧକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏମଏସ ର କେନ୍ଦ୍ରୀୟ ପ୍ରଭାରୀ ଚ଼ନ୍ଦ୍ରକାନ୍ତ ଧୂମାଲ, ସହ ପ୍ରଭାରୀ ଭି.ଏନ.ଚ଼ାଓ୍ୱଡା, ବିଏମଏସ ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁରେଶ ପାଟିଲ, କୋଷାଧକ୍ଷ ସୁଧିର ଘରତ, ବିଏମଏସ ପାରାଦୀପ ଶାଖା ସଭାପତି ରାକେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଏକ ପଦଯାତ୍ରା ବନ୍ଦର ସହର ପରିକ୍ରମା କରି ଜୟଦେବ ସଦନ ସମ୍ମିଳନୀ ସଭା ନିକଟରେ ସମାପ୍ତ ହୋଇଥିଲା । ଏହି ଦୁଇଦିନିଆ ସମ୍ମିଳନୀ ରେ ପାରାଦୀପ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ବିଏମଏସ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଛନ୍ତି । ଏହି ଦୁଇଦିନ ବ୍ୟାପି ସମ୍ମିଳନୀ ରେ ଭାରତ ର ବିଭିନ୍ନ ବନ୍ଦରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚ଼ନା କରାଯିବ ବୋଲି ପାରାଦୀପ ବିଏମଏସ ସଭାପତି ରାକେଶ ପଟ୍ଟନାୟକ ସୂଚ଼ନା ଦେଇଛନ୍ତି।

# ଓଡିଶା ଦିବସ ୨୦୨୫ ଏବଂ ଜିଲ୍ଲା ମହୋତ୍ସବ 'କଲୋଳ' ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ଜଗତସିଂହପୁର,(ପି ଏନ): ଆଜି ଦିବା ୧୨ ଘଟିକା ସମୟରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଓଡିଶା ଦିବସ ୨୦୨୫ ଏବଂ ଜିଲ୍ଲା ମହୋତ୍ସବ ' କଲୋଳ' ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା, ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଶ୍ରୀ ଜେ ସୋନାଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକ ରେ ମାନ୍ୟବର ବିଧାୟକ ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ମଞ୍ଚାସୀନ ଥିଲେ। ପ୍ରଥମେ ଓଡ଼ିଶା ଦିବସ ପାଳନ ର କାର୍ଯ୍ୟସୂଚ଼ୀ ପାଠ କରଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବି ମାନଙ୍କ ସହ ବିଧାୟକ ଶ୍ରୀ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଏବଂ ଜିଲ୍ଲାପାଳ ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍‌ଲୋଳ ର ପ୍ରସ୍ତୁତି ବିଷୟ ରେ ବିସ୍ତୃତ ଭାବେ ଆଲୋଚ଼ନା କରିଥିଲେ ଏବଂ ଏଥି ନିମନ୍ତେ ସେମାନଙ୍କର ସୁଚ଼ିନ୍ତିତ ମତାମତ କାମନା କରିଥିଲେ। ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଜିଲ୍ଲା ରେ ହେବାକୁ ଥିବା ଏହି ମହୋତ୍ସବ ସମସ୍ତ ଜିଲ୍ଲା ବାସୀ ଙ୍କ ର ଓ ଏହାକୁ ସୂଚ଼ାରୁ ରୂପେ ସଂପାଦନ କରିବା ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ। ଚ଼ଳିତ ବର୍ଷ ଆହୁରି ସୁନ୍ଦର ଭାବେ ଏହି ମହୋତ୍ସବ କୁ ସଂପାଦନ କରାଯିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ ମଧ୍ୟ କଲ୍‌ଲୋଳ ର ସଫଳ ରୂପାୟନ ନିମନ୍ତେ ନିଜର ସୁଚ଼ିନ୍ତିତ ମତାମତ ରଖିଥିଲେ। ବୈଠକ ରେ ଜିଲ୍ଲା ମହୋତ୍ସବ ର ସ୍ଥାନ ନିରୂପଣ, ଅତିଥି ଚ଼ୟନ, କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ ତଥା କମିଟି ସଦସ୍ୟ ମନୋନୟନ, ଆୟ ବ୍ୟୟ, ୫ ଦିନର କାର୍ଯ୍ୟସୂଚ଼ୀ ଆଦି ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚ଼ନା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକ ର ପ୍ରାରମ୍ଭ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚ଼ୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚ଼ୀ ତନୟା ମହାନ୍ତି ଓଡ଼ିଶା ଦିବସ ର କାର୍ଯ୍ୟ ସୂଚ଼ୀ ପାଠ କରିଥିଲେ। ଓଡିଶା ଦିବସ ଉପଲକ୍ଷେ ଏପ୍ରିଲ ଏକ ତାରିଖ ପ୍ରାତଃ ୪ ଘଟିକା ସମୟ ରେ ଡ଼ାକବାଜି ଯନ୍ତ୍ର ଯୋଗେ ଜିଲ୍ଲା ସୂଚ଼ନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହର ରେ ଉତ୍କଳ ବନ୍ଦନା ଗାନ,ସକାଳ ୬ ଘଟିକା ସମୟ ରେ ବିଦ୍ୟାଳୟ ମାନଙ୍କରେ ପ୍ରଭାତ ଫେରି, ସହର ରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ, ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉତ୍କଳ ବନ୍ଦନା ଗାନ, ୧ ମ ରୁ ୩ୟ, ୪ର୍ଥ ରୁ ୫ମ, ୬ ଷ୍ଠ ରୁ ୮ମ ବର୍ଗରେ ଓଡିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଉଚ୍ଚ଼ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତର ରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହେଇଥିଲା। ବ୍ଲକ୍ ଓ ପୌର ପରିଷଦ ସ୍ତର ରେ ତା ୨୪.୦୩.୨୫ ଏବଂ ଜିଲ୍ଲା ସ୍ତର ରେ ୨୬.୦୩.୨୫ ରିଖ ରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବୈଠକ ରେ ସ୍ଥିର ହୋଇଥିଲା।ଜିଲ୍ଲା ସସ୍କୃତି ଅଧିକାରୀ କାର୍ଯ୍ୟ ସୂଚ଼ୀ ଅନୁଯାୟୀ ବୈଠକ କୁ ଆଗେଇ ନେଇଥିଲେ ଓ ଶେଷରେ ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକ ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ,ବିଡ଼ିଓ, ତହସିଲଦାର, ସହାୟକ ତଥା ସହକାରୀ ଜିଲ୍ଲାପାଳ, ଜିଲ୍ଲା ର ବରିଷ୍ଠ ବୁଦ୍ଧିଜୀବି, ଆଇନଜିବୀ, ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚ଼ନା ରେ ସକ୍ରିୟ ଅଂଶ ଗ୍ରହଣ କରିବା ସହ ନିଜର ସୁଚ଼ିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

# ରାସାୟନିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପାରାଦୀପରେ ରାଜ୍ୟସ୍ତରୀୟ ମକ୍ ଡ୍ରିଲ ଅନୁଷ୍ଠିତ



ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲାର ପାରାଦୀପ ଠାରେ ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପରିଚ଼ାଳନା କର୍ତ୍ତୃପକ୍ଷ ଙ୍କ ମିଳିତ ଆନୁକୁଲ୍ୟ ରେ ସମ୍ଭାବ୍ୟ ରାସାୟନିକ ବିପର୍ଯ୍ୟୟ ର ପ୍ରସ୍ତୁତି ନିମନ୍ତେଶୁକ୍ରବାର ଦିନ ଏକ ମକ୍ ଡ୍ରିଲବା ଅଭ୍ୟାସ କୌଶଳ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ସ୍ଥିତ ଇଫକୋ ଓ ପିପିଏଲ ଶିଳ୍ପାନୁଷ୍ଠାନ ଏହି ମକ୍ ଡ୍ରିଲରେ ଭାଗ ନେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଜେ.ସୋନାଲ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପି ପି ଏଲ ରେ ଏବଂ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଇଫକୋ ଠାରେ ଉପସ୍ଥିତ ରହି ଏହି ରାସାୟନିକ ମକ୍ ଡ୍ରିଲ କୁ ସୁଚ଼ାରୁ ରୁପେ ସଂପାଦନ କରିବା ପାଇଁ ଦିଗଦର୍ଶନ ଦେଇଥିଲେ। ଟେକନିକାଲ୍ ଅବଜରଭର୍ ଭାବେ ପିପିଏଲ ଠାରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ର ଉପ ନିର୍ଦ୍ଦେଶକ, କଟକ ଡ଼ିଭିଜନ ମନୋଜ ପଣ୍ଡା ଓ ଇଫକୋ ରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ର ସହକାରୀ ନିର୍ଦ୍ଦେଶକ ଚ଼ନ୍ଦ୍ର ଶେଖର ବେହେରା ଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ କଳାକୌଶଳ ପ୍ରଦର୍ଶିତ ହୋଇଥିଲା। ପ୍ରଥମେ ଏହି ୨ ଟି ଶିଳ୍ପ ଅନୁଷ୍ଠାନ ମଧ୍ୟରୁ ଇଫକୋ ରେ ବିଷାକ୍ତ ଆମୋନିଆ ଲିକ୍ ଏବଂ ପି ପି ଏଲ ରେ ସଲଫ୍ୟୁରିକ୍ ଏସିଡ ଜନିତ ଅଗ୍ନି ସଂଯୋଗ ର କୃତ୍ରିମ ବିପର୍ଯ୍ୟୟ ନେଇ ସାଇରନ୍ ବାଜିଥିଲା। ସମ୍ଭାବ୍ୟ ବିପର୍ଯ୍ୟୟ ବିଷୟରେ ପ୍ଲାଣ୍ଟ ଭିତରେ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକ ରେ ସତର୍କ ସୁଚ଼ନା ଦିଆଯିବା ସହ ପ୍ରଭାବିତ ଲୋକଙ୍କୁ ପୂର୍ବ ନିର୍ଦ୍ଧାରିତ ନିକଟସ୍ଥ ଡାକ୍ତରଖାନା କୁ ନିଆଯାଇଥିଲା। ଏଥିପାଇଁ ପି ପି ଏଲ ର ପ୍ରଭାବିତ ଙ୍କୁ ପି ପି ଏଲ ଟାଉନସିପ ଏବଂ ଇଫକୋ ର ପ୍ରଭାବିତ ଙ୍କୁ ଇଫକୋ ଟାଉନସିପ ତଥା ଇଫକୋ ସ୍ୱର୍ଣ୍ଣ ଜୟନ୍ତୀ ସଭାଘର କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ପ୍ରଭାବିତ ଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା। ଗ୍ୟାସ୍ ଲିକ୍ ସ୍ଥାନ ଗୁଡିକରେ ଲିକ୍ ମରାମତି ଏବଂ ସଲଫ୍ୟୁରିକ ଏସିଡ ଜନିତ ଅଗ୍ନି କୁ ପାଣି ସ୍ପ୍ରେ ଦ୍ୱାରା ନିର୍ବାପନ ର କଳା କୌଶଳ ପ୍ରଦର୍ଶନ ହୋଇଥିଲା। ରକ୍ଷାକାରୀ ମାନେ ଗ୍ୟାସ୍ ଟାଇଟ୍ ପୋଷାକ ପରିଧାନ କରି ଉଦ୍ଧାର କାର୍ଯ୍ୟ ର କୌଶଳ ଦେଖାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ସୁଶ୍ରୀ ଅନିଶା ଦାସ ଓ ଡି ପି ଓ ସୁଧାଂଶୁ ପୃଷ୍ଟି ଙ୍କ ପକ୍ଷରୁ କଣ୍ଟ୍ରୋଲ ରୁମ୍, ରିଲିଫ୍ ସେଣ୍ଟର୍, ପ୍ରଦୂଷଣ ସ୍ଥାନ, ହଳଦିଆ ସବୁଜ ଜୋନ ଓ ରେଡ୍ ଜୋନ ସମ୍ପର୍କ ରେ ଜନସାଧାରଣ ଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରଯାଇଥିଲା। ମକ୍ ଡ୍ରିଲ ଶେଷ ହେବା ପରେ ସମସ୍ତ ଅଧିକାରୀ ରିଲିଫ୍ ସେଣ୍ଟର୍ ଯାଇ ପ୍ରଭାବିତ ମାନଙ୍କ ଅବସ୍ଥା ସଂପର୍କରେ ଅନୁଧ୍ୟାନ କରିଥିଲେ। ଏହି ରାସାୟନିକ ମକ୍ ଡ୍ରିଲ ଏକ୍ସରସାଇଜ୍ ରେ ଏନ୍ ଡି ଆର ଏଫ,ଓଡ୍ରାଫ୍, ଅଗ୍ନିଶମ ବିଭାଗ ପ୍ରମୁଖ ଭାଗ ନେଇଥିଲେ। ବର୍ତ୍ତମାନ ଦ୍ରୁତ ଶିଳ୍ପାୟନ ଯୁଗରେ ଆକସ୍ମିକ ଭାବେ ଘଟୁଥିବା ଏହିପରି ଦୁର୍ଘଟଣା ସମୟରେ ଭୟଭୀତ ନ ହୋଇ ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ସଂପୃକ୍ତ ଅଧିକାରୀ ମାନେ ଉପସ୍ଥିତ ଜନସାଧାରଣଙ୍କୁ ଉପଦେଶ ଦେଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray